ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୬ ● ୧ ଫେବୃଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -33 ● Issue-6 ● 1st February 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଓଡ଼ିଶାରେ ନିର୍ମାଣ ହେବ ପ୍ରତିରକ୍ଷା ଓ ଏରୋସ୍ପେସ୍ ସାମଗ୍ରୀ

ଭୁବନେଶ୍ୱର, ୩୧।୧
ନ୍ୟୁଜ୍ ବ୍ୟୁରୋ

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୋଟ ୧୦ ଟି ବିଭାଗର ୧୨ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଛି । ତନ୍ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ , ଶିଳ୍ପ, ଜଳ ସମ୍ପଦ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ବିଜ୍ଞାନ ଓ କାରିଗରୀ, ଆଇନ, ସମବାୟ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, ସଂସଦୀୟ ବ୍ୟାପାର ବିଭାଗ ଆଦି ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୨ଟି ଏହିପରି ମୋଟ ୧୨ ଟି ପ୍ରସ୍ତାବ ଅନୁମୋଦନ କରାଯାଇଛି । ଆଗାମୀ ୧୭ ତାରିଖରୁ ଆରମ୍ଭ ହେବାକୁ ଥିବା ସପ୍ତଦଶ ଓଡ଼ିଶା ବିଧାନସଭାର ୬ଷ୍ଠ ଅଧିବେଶନ ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି। *(ପୃଷ୍ଠା ୭ରେ)*

- କଲ୍ୟାଣୀ ଗ୍ରୁପ୍ ନିବେଶ କରିବ ୧୭୨୫୦ କୋଟି
- ୨୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- ଜଳ ସମ୍ପଦ ବିଭାଗରେ ଡ୍ରାଇଭର୍ସନ ସିଷ୍ଟମ ପାଇଁ ୩୬୨ କୋଟି ମଞ୍ଜୁର
- ରାଜ୍ୟ ସମବାୟ ନୀତି-୨୦୨୬ ଅନୁମୋଦିତ
- ମାର୍ଚ୍ଚ ଯାଏଁ ଭୁବନେଶ୍ୱର-ଦୁବାଇ-ସିଙ୍ଗାପୁରକୁ ବିମାନ ଚଳାଚଳ ଜାରୀ ରହିବ

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଟ୍ରକ୍ ମାଡିଯିବାରୁ ୫ ଜଣଙ୍କ ପ୍ରାଣହାନୀ

ବ୍ରହ୍ମପୁର, ୩୧।୧
ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁରରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା। ହଳଦିଆପଦର ଓଭର ବ୍ରିଜ୍ ଉପରେ ଏକ ଟ୍ରକ୍ ୩ଟି ବାଇକ୍‌କୁ ଧକ୍କା ଦେବା ଫଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ମୃତକମାନେ ହେଉଛନ୍ତି ରାକେଶ ନାୟକ, ଜଗନ ନାହକ, ସୂର୍ଯ୍ୟ ନାରାୟଣ ପଣ୍ଡା, ଶିବରାମ ଜେନା ଓ ସତ୍ୟ ନାରାୟଣ ବେଜ। ରାକେଶ ଓ ଜଗନଙ୍କ ଘର ଫୁଲଟା ଗାଁରେ ହୋଇଥିବା ବେଳେ ସୂର୍ଯ୍ୟ ନାରାୟଣ ପଣ୍ଡା ବ୍ରହ୍ମପୁର ସହରର ଅଯୋଧ୍ୟା ନଗରର ବାସିନ୍ଦା ଥିଲେ। ଶିବରାମ ଜେନାଙ୍କ ଘର ଦକ୍ଷିଣପୁର ଗାଁରେ ହୋଇଥିବା ବେଳେ ସତ୍ୟ ନାରାୟଣ ବେଜଙ୍କ ଗାଁ ନାଁ ଅସ୍ପଷ୍ଟ ରହିଛି।

ଓଭରବ୍ରିଜ୍ ଉପରେ ରଙ୍ଗ୍ ରୁଟ୍‌ରେ ଆସି ଟ୍ରକ୍‌ଟି ବାଇକ୍‌ଗୁଡ଼ିକୁ ଧକ୍କା ଦେଇଥିଲା। ଏମିତି ଧକ୍କା ଦେବା ପରେ *(ପୃଷ୍ଠା ୭ରେ)*

ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୩୧।୧ : ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁର ହଳଦିଆପଦର ଓଭର ବ୍ରିଜ୍ ନିକଟରେ ୩ଟି ବାଇକ ଉପରେ ଟ୍ରକ ମାଡିଯିବାରୁ ୫ଜଣଙ୍କର ଜୀବନ ଚାଲିଯାଇଛି । ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ହଳଦିଆପଦର ଠାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଏକାଧିକ ଲୋକଙ୍କ ପ୍ରାଣହାନୀ ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ସମସ୍ତ ଆହତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।*(ପୃଷ୍ଠା ୭ରେ)*

୯ମ ଶ୍ରେଣୀ ଛାତ୍ରଙ୍କୁ ୧୦ମ ଶ୍ରେଣୀ ଛାତ୍ରଙ୍କ ଆକ୍ରମଣ

ବାଲେଶ୍ୱର, ୩୧।୧ : ନ୍ୟୁଜ୍ ବ୍ୟୁରୋ

ବିଦ୍ୟାଳୟ ପରିସର ଏବେ ଅସୁରକ୍ଷିତ ହୋଇପଡ଼ିଛି। କେଉଁଠି ଛାତ୍ର ବ୍ୟାଗରେ ବନ୍ଧୁକ ଆଣୁଛନ୍ତି ତ ଆଉ କେଉଁଠି ଛାତ୍ରଙ୍କ ହାତରେ ରହୁଛି ମାରଣାସ୍ତ୍ର। ଜଣେ ୯ମ ଶ୍ରେଣୀ ଛାତ୍ରଙ୍କୁ ଭୁଜାଲିରେ ହାଣିଛନ୍ତି *(ପୃଷ୍ଠା ୭ରେ)*

ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁନେତ୍ରା

ମୁମ୍ବାଇ, ୩୧।୧

ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସ୍ୱର୍ଗତ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର । ଅଜିତଙ୍କ ମୃତ୍ୟୁ ପରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ପତ୍ନୀ ସୁନେତ୍ରା । ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ତାଙ୍କୁ ବିଧି ଓ ଗୋପନୀୟତାର *(ପୃଷ୍ଠା ୭ରେ)*

୩ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୩୧।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ୩ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ମୁଖ୍ୟଶାସନ ସଚିବ *(ପୃଷ୍ଠା ୭ରେ)*

ଜାତୀୟ ସୁରକ୍ଷା ପାଇଁ ପଶ୍ଚିମବଙ୍ଗରେ ବିଜେପି ସରକାର ଜରୁରୀ

କୋଲକାତା, ୩୧।୧

କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଶନିବାର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ସରକାରକୁ କଡ଼ା ଆକ୍ରମଣ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଟିଏମସି ସରକାର ଅନୁପ୍ରବେଶକାରୀ ମାନଙ୍କୁ ସୁରକ୍ଷା ଦେଉଛି। ଏହାସହିତ

ରାଜ୍ୟରେ ଦୁର୍ନୀତିକୁ ସଂସ୍ଥାଗତ ରୂପ ଦିଆଯାଇଛି। ସେ କହିଛନ୍ତି ଯେ, ନିର୍ବାଚନୀ ଲାଭ ପାଇଁ ସୀମା ସୁରକ୍ଷା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ଜାଣିଶୁଣି ଅଟକାଯାଉଛି।

ଶନିବାର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବାରାକପୁରରେ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ସଭାକୁ ସମ୍ବୋଧନ କରି *(ପୃଷ୍ଠା ୭ରେ)*

32 YEARS
ସମୟ କାହିନୀ
ଭୁବନେଶ୍ୱର, ୧ ଫେବୃୟାରୀ, ୨୦୨୬ ରବିବାର

ନୂଆ ନିର୍ଦ୍ଦେଶନାମା ପରେ ପାନମସଲା ବ୍ୟବସାୟୀ ବିବ୍ରତ

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ରାଜ୍ୟରେ ସିଗାରେଟ୍, ଗୁଟ୍‌ଖା, ପାନମସଲା, ଖଇନି, ଜର୍ଦ୍ଦା, କମାଖୁ ସହ ନିକୋଟିନ୍ ଯୁକ୍ତ ସାମଗ୍ରୀର ବିକ୍ରି ଓ ପ୍ରସ୍ତୁତି ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି । ଏହି ଆଦେଶ ପରେ ବ୍ରହ୍ମପୁର ସହର ଓ ଉପକଣ୍ଠରେ ବେଆଇନ୍ ଭାବେ ଚାଲିଥିବା ଖଇନି, ପାନମସଲା ଓ ଜର୍ଦ୍ଦା କାରଖାନାଗୁଡ଼ିକ ଉପରେ ଆଙ୍କୁଲ ଲାଗିବ ବୋଲି କୁହାଯାଉଛି । ସହରରେ ମାଳ ମାଳ ପାନମସଲା ଓ ଗୁଟ୍‌ଖା ପ୍ରସ୍ତୁତି କାରଖାନା ରହିଛି । ସହରର କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀ ବର୍ଷ ବର୍ଷ ଧରି ଏହି ନକଲି କାରବାର ଚଳାଇ ଆସୁଛନ୍ତି । ସହର ଉପକଣ୍ଠରେ କାରଖାନା ଓ ଗୋଦାମ ଖୋଲି ସେଠାରେ ନକଲି ଗୁଟ୍‌ଖା ଓ ପାନମସଲା ପ୍ରସ୍ତୁତ କରିବା ପରେ ଗଞ୍ଜାମ ଜିଲ୍ଲା ସମେତ ଆଖପାଖ ଜିଲ୍ଲାକୁ ବିକ୍ରି ପାଇଁ ପଠାଉଛନ୍ତି । ଏହି ନକଲି ଗୁଟ୍‌ଖାର ହୋଲ୍‌ସେଲ୍ ବ୍ୟବସାୟୀ ଓ ମଧ୍ୟସ୍ଥି ଏହି ମାର୍କେଟିଂର ସୂତ୍ରଧର ପାଲଟୁଛନ୍ତି । ସହରରେ କିଛି ନାମୀଦାମୀ କମ୍ପାନୀର ଗୁଟ୍‌ଖା ଓ ପାନମସଲା ସହ ନାଁ ନଥିବା ଏକାଧିକ ପାନମସଲା ଓ ଖଇନି ବିକ୍ରି

ହେଉଛି । ଏହି ତମାଖୁ ଜାତୀୟ ଗୁଟ୍ ?ଖା ତଥା ପାନମସଲା ପ୍ରାୟ ସମସ୍ତ ପାନ ଦୋକାନ, ଚା' ଦୋକାନ, କିଛି ତେଜରାତି ଦୋକାନାରେ ଉପଲବ୍ଧ । ଏହିସବୁ ପାନମସଲା ତଥା ଗୁଟ୍‌ଖା ଓ ଖଇନି ପ୍ୟାକେଟ୍‌ରେ କେଉଁ ପ୍ରକାର ସାମଗ୍ରୀ କେତେ ପରିମାଣର ମିଶ୍ରଣ ହେବା କଥା ତାହାର କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ରହୁନାହିଁ । କିଛି ଅସାଧୁ ବ୍ୟବସାୟୀ ନିଜ ଇଚ୍ଛା ଅନୁସାରେ ପାନମସଲା ପ୍ୟାକେଟ୍ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି । ଅନ୍ୟକୌଣସି ବିକଳ୍ପ ନଥିବାରୁ ସେହି ନିର୍ଦ୍ଦିଷ୍ଟ ଧରଣର ପାନ ମସଲା ଖାଉଥିବା ଲୋକମାନେ ବାଧ୍ୟ ହୋଇ ଅସାଧୁ ବ୍ୟବସାୟୀଙ୍କ ଏହି ନକଲି ସାମଗ୍ରୀ କିଣି ଖାଉଛନ୍ତି । ବ୍ରହ୍ମପୁର ସହରର ବଡ଼ବଜାର, ପାଣିଗ୍ରାହୀପେଣ୍ଠ ଭଳି ଅଚଂଳରେ ନକଲି ଗୁଟ୍‌ଖା ଓ ପାନମସଲା ପାଇଁ କଂଚାମାଲ୍ ପ୍ରସ୍ତୁତ କରାଯାଉଛି । ସେହିପରି ସହର ଉପକଣ୍ଠ ବଉଳଝୋଳି, ମସିହାଖାଲି ଅଚଂଳରେ ଏକାଧିକ ଗୁଟ୍‌ଖା ସାମଗ୍ରୀର ଗୋଦାମ ଓ କାରଖାନା ରହିଥିବା କୁହାଯାଉଛି । ସହର ଉପକଣ୍ଠର ଏକ ସ୍ଥାନରେ ଖଇନି ଓ ପାନମସଲା ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ଟନ୍ ଟନ୍ କଂଚାମାଲ୍ ତଥା ଜର୍ଦ୍ଦା ଓ ଧୂଆଁପତ୍ର ମହଜୁଦ୍ ହୋଇ ରଖାଯାଉଥିବା କୁହାଯାଉଛି । ଏହି ନକଲି ପାନମସଲା ଓ ଖଇନି କାରଖାନାରେ ପ୍ରସ୍ତୁତ ହେବା ପରେ ଚୋଟ ଛୋଟ ଗାଡ଼ିରେ ବଡ଼ବଜାର ଓ ଦେଶୀବେହେରା ସାହିସ୍ଥିତ କିଛି ହୋଲ୍ ?ସେଲ୍ ବ୍ୟବସାୟୀଙ୍କ ନିକଟକୁ ପଠାଯାଉଛି । ସେଠାରୁ ମଧ୍ୟସ୍ଥି ବ୍ୟବସାୟୀମାନେ ମୋଫେଡ୍ ?ରେ ପାନମସଲା ନେଇ ଲୁଚାଛପାରେ ଦୋକାନୀଙ୍କ ନିକଟରେ ପହଂଚାଉଛନ୍ତି । କିଛି ଦୋକାନୀ ନକଲି ଉକ୍ତ ପାନମସଲାକୁ ବାହାରେ ଟାଙ୍ଗିବା ବଦଳରେ ଡ଼ବା ଭିତରେ ଲୁଚାଇ ରଖି ବିକ୍ରି କରୁଛନ୍ତି । ଏହିଭଳି ଭାବେ ଦୈନିକ ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଥିଲେ ମଧ୍ୟ ସରକାରଙ୍କ ନିକଟରେ ଟଙ୍କାଟିଏ ରାଜସ୍ୱ ପହଂଚିପାରୁନି । ପୂର୍ବରୁ ପୋଲିସ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏକାଧିକ ନକଲି ଗୁଟ୍‌ଖା କାରଖାନା ଓ ଗୋଦାମ ଉପରେ ଚଢ଼ଉ କରାଯାଇ ଶହ ଶହ ପ୍ୟାକେଟ୍ ନକଲି ଗୁଟ୍‌ଖା, କଂଚାମାଲ୍ ଓ ବହୁ ପ୍ରସ୍ତୁତି ମେସିନ୍ ଏବଂ ଓଜନ ମେସିନ୍ ଜବତ କରାଯାଇଛି । ଏପରିକି ନକଲି ଗୁଟ୍ ?ଖା ଓ ପାନମସଲା ପ୍ରସ୍ତୁତ କରୁଥିବା ବ୍ୟବସାୟୀଙ୍କୁ ମଧ୍ୟ ଗିରଫ କରାଯାଇଛି । ହେଲେ ଆଜିଯାଏଁ ସହରରେ ସେହି ପ୍ରକାରର ପାନମସଲା ଓ ଖଇନିର ବିକ୍ରି କିମ୍ବା ଯୋଗାଣ ବନ୍ଦ ହୋଇପାରିନାହିଁ । ଅର୍ଥାତ୍ ଚଢ଼ଉ ପୂର୍ବରୁ ବଜାରରେ ଯେଉଁଭଳି ପାନମସଲା ଓ ଖଇନି ବିକ୍ରି ହେଉଥିଲା ଚଢ଼ାଉ ପରେ ମଧ୍ୟ ସେଭଳି ବିକ୍ରି ଓ ଯୋଗାଣ ଜାରି ରହୁଛି । ବର୍ତମାନ ନୂତନ ନିର୍ଦ୍ଦେଶନାମାରେ ଅସାଧୁ ଗୁଟ୍‌ଖା ବ୍ୟବସାୟର ଗଳାବାଟ ବନ୍ଦ କରିବାକୁ ସରକାର ଯୋଜନା କରିଛନ୍ତି । ନୂତନ ନିର୍ଦ୍ଦେଶନାମା ପରେ ଚଢ଼ଉ ଓ ଧରପଗଡ଼ ଆରମ୍ଭ ହେବ । ଏହାକୁ ନେଇ ଅସାଧୁ ବ୍ୟବସାୟୀମାନେ ବିଚଳିତ ହୋଇ ପଡ଼ିଛନ୍ତି । ହେଲେ ନକଲି ପାନମସଲା ଓ ଖଇନିର ପେଣ୍ଠସ୍ଥଳୀ ପାଲଟିଥିବା ବ୍ରହ୍ମପୁରରେ ଏହାର କି ପ୍ରଭାବ ପଡୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ।

ଇଞ୍ଜିନିୟରିଂ ସ୍କୁଲ ଛକରେ ନାହିଁ ଟ୍ରାଫିକ୍ ପୋଷ୍ଟ ଓ ସିଗ୍‌ନାଲ୍

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ସହରର ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କ ମଧ୍ୟରୁ ଇଞ୍ଜିନିୟର ସ୍କୁଲ ଛକ ଅନ୍ୟତମ । ଏଠାରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଛି । ଏହି ଛକ ସହିତ ୩ଟି ରାସ୍ତା ସଂଯୋଗ ରହିଛି । କିନ୍ତୁ ଏ ଯାବତ୍ ଏଠାରେ ଟ୍ରାଫିକ୍ ପୋଷ୍ଟ, ସିଗ୍‌ନାଲ୍ କିମ୍ବା ଟ୍ରାଫିକ୍ ପୋଲିସକୁ କାର୍ଯ୍ୟରେ ନିୟୋଜିତ କରାଯାଉନାହିଁ । ପ୍ରତିଦିନ ସକାଳ ଓ ସନ୍ଧ୍ୟା ବେଳେ ଏହି ଛକରେ ଅସମ୍ଭାଳ ଟ୍ରାଫିକ୍ ଜାମ୍ ଯୋଗୁଁ ଅଣନିଶ୍ୱାସୀ ହେଉଛନ୍ତି ଯାତ୍ରୀ । ସେହିପରି ଏହି ଛକ ନିକଟରେ ୟୁସିପି ଇଞ୍ଜିନିୟରିଂ ସ୍କୁଲ, ସରକାରୀ ପଲିଟେକ୍ ନିକ୍ ଓ ସରକାରୀ ଆଇଟିଆଇ ଭଳି ୩ଟି ବଡ଼ ଶିକ୍ଷାନୁଷ୍ଠାନ ରହିଛି । ପ୍ରତିଦିନ ଏହି ଶିକ୍ଷାନୁଷ୍ଠାନକୁ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଆସୁଛନ୍ତି । ଏହା ସହ ଇଞ୍ଜିନିୟରିଂ ଛକରେ ହିଁ ରାଜସ୍ୱ ଡ଼ାକ ବଙ୍ଗଳା ରହିଥିବା ବେଳେ

ଏହି ଛକ ଦେଇ ଉକ୍ତ ବଙ୍ଗଳାକୁ ବହୁ ଗାଡ଼ି ଯିବା ଆସିବା କରିଥାଏ । ସେହିପରି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ବିଭିନ୍ନ ସମୟରେ ମେଳା ସମେତ ବହୁ କାର୍ଯ୍ୟକ୍ରମ ହେଉଛି । ଏହି ସମୟରେ ଇଞ୍ଜିନିୟରିଂ ସ୍କୁଲ ଛକ ଦେଇ ହଜାର ହଜାର ବ୍ୟକ୍ତି ଖେଳ ପଡ଼ିଆ ଦେଇ ଏହି କାର୍ଯ୍ୟକ୍ରମକୁ ଯିବା ଆସିବା କରିଥାନ୍ତି । ଏହି ସମୟରେ ଉକ୍ତ ଛକରେ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣ ହୋଇଯାଏ । ଏହି ଛକ ଦେଇ ଜାତୀୟ ରାଜପଥକୁ ଆଙ୍କୁଲି ଓଭରବ୍ରିଜ୍ ସଂଯୋଗ କରୁଛି । ଏହା ସହ ଅନ୍ୟ ଛୋଟ ଗଳି ରାସ୍ତା ମଧ୍ୟ ଏହି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି । ଏଭଳି ଭାବେ ଏହି ରାସ୍ତା ଦେଇ ଇଞ୍ଜିନିୟରିଂ ସ୍କୁଲ ଛାତ୍ରଛାତ୍ରୀ, ସ୍କୁଲ ବସ୍, ଦୁଇ ଚକିଆ ଓ ଚାରିଚକିଆ ଯାନ, ଆମ୍ବୁଲାନ୍ସ ସହ ବିଭିନ୍ନ ଯାନବାହନ ଏଠାରୁ ଚଳାଚଳ କରୁଥିବାରୁ ଭିଡ଼ ଯୋଗୁଁ ଘଂଟା ଘଂଟା ଯାତ୍ରୀଙ୍କୁ ଫସି ରହିବାକୁ ପଡୁଥିବା ବେଳେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା କାରଣରୁ ଛୋଟବଡ଼ ଦୁର୍ଘଟଣା ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅନେକ ସମୟରେ ଯାନବାହନ ଉଭୟ ପାର୍ଶ୍ୱରୁ ଅତିକ୍ରମ ବେଳେ ଭିଡ଼ ଯୋଗୁଁ ଅଟକି ଯିବାରୁ ଲମ୍ବା ସମୟ ଯାତାୟତ ବାଧାପ୍ରାପ୍ତ ହେଉଛି ଓ ଗାଡ଼ିଗୁଡ଼ିକ ଧାଡ଼ିଲମ୍ବି ଯାଉଛି । ଟ୍ରାଫିକ୍ ସିଗନାଲ୍, ରୋଡ୍ ମାର୍କିଂ ଓ ସ୍ପିଡ୍ ବ୍ରେକର ନଥିବାରୁ ସମସ୍ୟା ଆହୁରି ଗମ୍ଭୀର ହେଉଛି । ସ୍ଥାନୀୟ ବାସିନ୍ଦା ଓ ଚାଳକମାନେ ଏଠାରେ ଶୀଘ୍ର ଟ୍ରାଫିକ୍ ପୋଷ୍ଟ ସ୍ଥାପନ, ଟ୍ରାଫିକ୍ କର୍ମଚାରୀ ମୁତୟନ ସହ ସିଗ୍ ?ନାଲ୍ ବ୍ୟବସ୍ଥା କରାଯିବାକୁ ପ୍ରଶାସନିକ କର୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି । ଯଦି ଶୀଘ୍ର ପଦକ୍ଷେପ ନିଆନଯାଏ ତେବେ ଆଗାମୀ ଦିନରେ ବହୁ ଦୁର୍ଘଟଣା ଘଟିବା ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ତେଣୁ ଏଥିପ୍ରତି ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

ଉଲୁଣ୍ଡାରେ ୪୭ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଏସ.ପତ୍ରପାଲି ଗ୍ରାମ କାର୍ଯ୍ୟାଳୟ ସ୍ଥିତ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପ୍ରତାପ କୁମାର ରଣା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୪୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୪୦ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା । ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା, ଚିନ୍ମୟ କୁମାର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଭାରପ୍ରାପ୍ତ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, କାଳିଆ ମଲ୍ଲିକ, ଉପ-ଜିଲ୍ଲାପାଳ, ବିରମହାରାଜପୁର, ଡେପୁଟି କଲେକ୍ଟର, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅତିରିକ୍ତ ତହସିଲଦାର, ଉଲୁଣ୍ଡା, ନିରଞ୍ଜନ କୁମାର ଧଳ, ସରପଞ୍ଚ, ଏସ.ପତ୍ରାପାଲି ଗ୍ରାମ ପଞ୍ଚାୟତ ସନାତନ ମହାଳିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏସ.ପତ୍ରାପାଲି, ପ୍ରିୟଙ୍କା ପଣ୍ଡା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ ।

ଭାରତମାତା ମନ୍ଦିରରେ ପୂଜାର୍ଚ୍ଚନା

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ବୌଦ୍ଧ ବ୍ଲକ ଗୋଛାପଡା ପାୟତ ଅନ୍ତର୍ଗତ ବନପାଲି ଗ୍ରାମରେ ଥିବା ଭାରତମାତା ମନ୍ଦିରରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ୭୭ ତମ ସାଧାରଣତନ୍ତ୍ର ଦିବସରେ ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଗ୍ରାମବାସୀଙ୍କ ଏଭଳି ଦେଶଭକ୍ତି ତଥା ଉତ୍ସର୍ଗୀକୃତ ମନୋଭାବକୁ ନେଇ ସେମାନଙ୍କ ପ୍ରଶଂସା କରିଥିଲେ । ସମାଜସେବୀ ସୁଶାନ୍ତ ବାଘ, ଗୋଛାପଡା ପାୟତର ପୂର୍ବତନ ସରପ ବିରେନ ବାରିକ, ମିଶନ ଶକ୍ତିର ବୌଦ୍ଧ ବ୍ଲକ ସଂଯୋଜିକା ବଲ୍ଲଭୀ ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ବେଣୁଧର ମେହେର ଓ ଜୟନ୍ତୀ ମେହେର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଜିତ୍ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ ।

ଜିଲ୍ଲା ପ୍ରଶାସନ ଓ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାଇକେଲ ରାଲି

ଯାଜପୁର, ନ୍ୟୁଜ ବ୍ୟୁରୋ

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗଣତନ୍ତ୍ର ଦିବସରେ "ବାଲ୍ୟ ବିବାହ ମୁକ୍ତ ଭାରତ" ଉପଲକ୍ଷେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଅଛି । ଏହି ରାଲି ସିଭିଲ କୋର୍ଟ ପରିସରରୁ ବାହାରି ନରସିଂହ ଚୌଧୁରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ନରସିଂହ ଚୌଧୁରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ, ବିରଜା ମହିଳା ବିଦ୍ୟାଳୟ, ବିରଜା ଆଇନ ମହାବିଦ୍ୟାଳୟର ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ଛାତ୍ରଛାତ୍ରୀମାନେ ତଥା ବିଭିନ୍ନ ଆଶା ଓ ଅଙ୍ଗନୱାଡି କର୍ମୀ ତଥା ସିଭିଲ କୋର୍ଟର କର୍ମଚାରୀମାନେ ଭାଗ ନେଇଥିଲେ । ଏହି ରାଲିକୁ ଜିଲ୍ଲା ଓ ଦୌରାଜଜ ଅମୃତ ରଞ୍ଜନ ନନ୍ଦ ଏବଂ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମିଳିତ ଭାବେ ଉଦଘାଟନ କରିଥିଲେ । ଏହି ଶୋଭାଯାତ୍ରାରେ ସିଭିଲ କୋର୍ଟ ଯାଜପୁରର ସମସ୍ତ ବିଚାରପତି, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଉପସ୍ଥିତ ଥିଲେ । ଏହି ରାଲି ମାଧ୍ୟମରେ ବାଲ୍ୟ ବିବାହ ମୁକ୍ତ ପୋର୍ଟାଲ https://stopchildmarriage.wcd.gov.in, ଶିଶୁ ସୁରକ୍ଷା ହେଲ୍ପ ଲାଇନ୍ ନମ୍ବର ୧୦୯୮ ଏବଂ ନାଲସା ନ୍ୟାସନାଲ ହେଲ୍ପ ଲାଇନ୍ ୧୫୧୦୦ ପ୍ରଚାର କରାଯାଇଥିଲା । ଏହି ଆନୁକୂଲ୍ୟରେ ଷ୍ଟୁଡେଣ୍ଟ୍ ଲିଗାଲ ଲିଟରେଚର କ୍ଲବ, ଯାଜପୁର ମ୍ୟୁନିସିପାଲିଟି ସରକାରୀ ବିଦ୍ୟାଳୟର ସଦସ୍ୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ପଥ ପ୍ରାନ୍ତ ନାଟକ "ବାଲ୍ୟ ବିବାହ ମୁକ୍ତ ଭାରତ" ପରିବେଷଣ କରାଯାଇଥିଲା । ଏହି ଶୋଭା ଯାତ୍ରାରେ ପ୍ରଶାସନ ତରଫରୁ ଏକ ସଚେତନତା ରଥ ପରିକ୍ରମଣ ହୋଇଥିଲା ।

ବାରିପଦା ସହରରେ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

ବାରିପଦା, ନ୍ୟୁଜ ବ୍ୟୁରୋ

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ବାରିପଦା ପୌର ପରିଷଦ ମିଳିତ ଆନୁକୂଲ୍ୟରେ ବାରିପଦା ସହରର ବେଲଗଡିଆ ଠାରୁ ଅମ୍ବିକା ମନ୍ଦିର ଓ ଅମ୍ବିକା ମନ୍ଦିର ଠାରୁ ତାରିଣୀ ମନ୍ଦିର ରାସ୍ତାର ସୌନ୍ଦର୍ଯ୍ୟ ଆଲୋକର ଶୁଭଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ, ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି । ତେବେ ଆଗକୁ ମଧ୍ୟ ବାରିପଦା ସହରକୁ ଅଧିକ ସୌନ୍ଦର୍ଯ୍ୟ କରଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।

ସେହପରି ବାରିପଦାର ଷ୍ଟେସନ ବଜାର ସ୍ଥିତ ହାଟର ହେବ ଉନ୍ନତିକରଣ । ଏହି ହାଟ ସହରର ସର୍ବ ପୁରାତନ

ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ଏଠାରେ ଜଣଗହଳି ବଢ଼ିବାରେ ଲାଗୁଥିବା ବେଳେ ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ହୋଇ ପାରୁ ନଥିଲା । ଏହାକୁ ନଜରରେ ରଖି ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କର କୋମଳରେ ହାଟର ଉନ୍ନତିକରଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହା ସହିତ ସ୍ଥାନୀୟ ଚାଷୀଙ୍କ ପାଇଁ ମଧ୍ୟ ଏଠାରେ ଏକ କୃଷକ ବଜାର ମଧ୍ୟ ନିର୍ମାଣ କରାଯିବ । ତେବେ ଏଥି ନିମନ୍ତେ କିଛି ଦିନ ପାଇଁ ଏଠାରେ ଚାଲୁଥିବା ସାପ୍ତାହିକ ହାଟ ସହରର ଅନ୍ୟ ସ୍ଥାନରେ କରାଯିବ ବୋଲି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି । ଏଥିରେ ଅନ୍ୟମାନଙ୍କ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାର୍ଡ଼୍ କାଉନସିଲର ମାନେ ଉପସ୍ଥିତ ରହିଥିଲେ ।

ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ଜିଲ୍ଲା ଆଇନସେବା ପ୍ରାଧିକରଣ ବୌଦ୍ଧ ଅଫିସ ଦ୍ୱାରା ଏନ୍‌ଏସିର ବନ୍ୟା ଆଶ୍ରୟ ସ୍ଥଳ ଠାରେ ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହା ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ଅଧକ୍ଷ ପ୍ରତାପ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରଦ୍ଧାଞ୍ଜଳି ରାୟ, ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନ.ଏ.ସି ର ସଫେଇ କର୍ମୀମାନେ, ଆ

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧ ଫେବୃୟାରୀ ୨୦୨୬ ରବିବାର

ଜାତୀୟ ରାଜପଥ ଲୁଟେରା ସକ୍ରୀୟ:ପୁଣି କାଟିନେଲେ ୧୦ଲକ୍ଷ ଟଙ୍କାର ମେଟାଲ ପ୍ଲେଟ୍

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ସଂପ୍ରସାରଣ କାମ ଦ୍ରୁତ ଗତିରେ ଚାଲୁଥିବା ବେଳେ ଚୋର ମାନଙ୍କ ଉତ୍ପାତ ବଢିଯାଇଛି । ଏହି ସମସ୍ୟା ଗୁଡିକ ଭିତରୁ ମୁଖ୍ୟ ସମସ୍ୟା ଗୁଡିକ ହେଲା ଜାତୀୟ ରାଜପଥର ୨ କଡରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ମୋଟା ମେଟାଲ୍ ପ୍ଲେଟ୍ ଲଗାଯାଉଥିବା ବେଳେ ଏହି ଲୁଟେରା ମାନେ ତାକୁ କାଟି ନେଇଯାଉଥିବାରୁ ସଂପ୍ରସାରଣ କାର୍ଯ୍ୟରେ ବାଧା ଉପୁଜୁଛି । ଲୁଟେରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ୨୪ ଘଣ୍ଟା ନପୁରୁଣୁ ପୁଣି କାଟିନେଲେ ୧୦ ଲକ୍ଷ ଟଙ୍କାର ମେଟାଲ୍ ସୁରକ୍ଷା ବାଡ । ମିଳିଥିବା ସୂଚନା ଅନୁଯାୟୀ ବାଲିଚନ୍ଦ୍ରପୁର ଠାରୁ ଗୋପଛକ ପର୍ଯ୍ୟନ୍ତ ପିଏସ୍‌କେ ଠିକାଦାର ସଂସ୍ଥା ଜାତୀୟ ରାଜପଥ ସଂପ୍ରସାରଣ କାମ କରୁଥିବା ବେଳେ ରାସ୍ତା କଡରେ ଦୁର୍ଘଟଣାରୁ ସୁରକ୍ଷା ଦେବା ପାଇଁ ସାଇଡ୍‌ରେ ମେଟାଲ୍ ପ୍ଲେଟ୍‌ର ବାଡ ଦିଆଯାଉଛି । ଏହି ମେଟାଲ୍ ପ୍ଲେଟ୍‌ର ବାଡ ମୂଲ୍ୟବାନ ହୋଇଥିବାରୁ ଡେରାବିଶ ଥାନା ଅନ୍ତର୍ଗତ ଅଁଳାବାଙ୍କ ଠାରେ ଚୋରମାନେ ରାତିରେ ପ୍ଲେଟ୍ ଗୁଡିକୁ କାଟି ନେଇଯାଉଥିବାର ଅଭିଯୋଗ ହେବାପରେ ଥାନା ଅଧିକାରୀ ମେଟାଲ୍ ପ୍ଲେଟ୍ ଜବତ କରିବା ସହିତ ୪ ଜଣ ଚୋରଙ୍କୁ କୋର୍ଟ ଚାଲାଣ କରିଛନ୍ତି । ଏହାର ୨୪ ଘଣ୍ଟା ନପୁରୁଣୁ ଗତକାଲି ସଦର ଥାନା ଅନ୍ତର୍ଗତ ଆର୍‌ଟିଓ ଅଫିସ ନିକଟରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସେହି ମୂଲ୍ୟବାନ ମେଟାଲ୍ ପ୍ଲେଟ୍‌କୁ ଚୋରମାନେ କାଟି ନେଇଯାଇଛନ୍ତି । ଜାତୀୟ ରାଜପଥ ଲୁଟେରା ୨ ଥାନା ଅଧିକାରୀଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ କରି ୨୪ ଘଣ୍ଟା ଭିତରେ ପୁନର୍ବାର ପ୍ଲେଟ୍ କାଟି ବିକି ଦେଇଛନ୍ତି । ବାରମ୍ବାର ଚୋରି ହେବା ଫଳରେ ପିଏସ୍‌କେ କମ୍ପାନୀ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛି । ଜାତୀୟ ରାଜପଥ ସଂପ୍ରସାରଣ ଦାୟିତ୍ୱରେ ଥିବା ଅଧିକାରୀ ଏ ବିଷୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବା ସହିତ ତୁରନ୍ତ ଦୃଢ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

ପାଣି ଟାଙ୍କି ନିର୍ମାଣ କାର୍ଯ୍ୟରୁ ୩ କିଶୋର ଶ୍ରମିକ ଉଦ୍ଧାର

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଏନ୍‌ଏସି କାର୍ଯ୍ୟାଳୟ ନିକଟରେ ଚାଲିଥିବା ଜଳଟାଙ୍କି ନିର୍ମାଣ କାର୍ଯ୍ୟ ସମୟରେ ୩ ଜଣ କିଶୋର ଶ୍ରମିକଙ୍କୁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଦଳ ଉଦ୍ଧାର କରିଛି । ଶିଶୁ ଶ୍ରମ ନିଷେଧ ଆଇନ୍ ଅନୁଯାୟୀ କରାଯାଇଥିବା ଅଭିଯାନ ସମୟରେ ଏହି ଉଦ୍ଧାର ହୋଇଥିଲା । ବୌଦ୍ଧ ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁଙ୍କ ତ୍ୱାବଧାନରେ ୫ ଜଣିଆ ଟିମ୍ ଏହି ରେଡ୍ କରିଥିଲେ । ଏହି ଟିମ୍‌ରେ ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟାକୁମାରୀ ସାହୁ, ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ପ୍ରଜ୍ଞା ପାରମିତା, ସହକାରୀ ଶ୍ରମ ଅଧିକାରୀ କଣ୍ଟାମାଳ ଫିରୋଜ କୁମାର ବଘାର, ବିନୋଦ ସାହୁ, ପ୍ରୋଜେକ୍ଟ ସଂଯୋଜକ ଚାଇଲ୍ଡ ଲାଇନ୍, ପୋଲିସ ପର୍ସନେଲ ସାମିଲ୍ ଥିଲେ । ଉଦ୍ଧାର ପରେ କିଶୋରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କୁ ଆଗାମୀ ଆଇନ୍‌ଗତ କାର୍ଯ୍ୟବାହୀ ଓ ପୁନର୍ବାସ ପାଇଁ ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି), ବୌଦ୍ଧ ସମ୍ମୁଖରେ ପେଶ୍ କରାଯାଇଛି । ସମ୍ପୃକ୍ତ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି । ଶିଶୁ ଏବଂ କିଶୋର ଶ୍ରମିକ ଆଇନ୍ ଅନୁଯାୟୀ ସଂପୃକ୍ତ ଠିକାଦାର ଏବଂ ସଂସ୍ଥା ବିରୋଧର ଉପଯୁକ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ ସୁଶ୍ରୀ ସାହୁ କହିଥିଲେ ।

ବ୍ୟାନ ସତ୍ତ୍ୱେ ପାନ ମସଲା ଓ ଗୁଟ୍‌ଖାର ବ୍ୟାପକ କଳାବଜାରୀ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗୁଟଖା, ତମାଖୁ ବ୍ୟାନ୍ କରାଯିବାକୁ ବିତିଗଲା ପ୍ରାୟ ୧୦ ଦିନ । ହେଲେ ଏବେବି ଖୁଲମ୍‌ଖୁଲା ଭାବେ ମିଳୁଛି ଗୁଟ୍‌ଖା । ଘୋଷଣା ଯେତେ ଜୋର୍‌ଦାର୍ ବାସ୍ତବ ଚିତ୍ର ସେତେ ଭୟଙ୍କର ପାଲଟିଛି । ନା ଚଢ଼ଉ କରାଯାଉଛି, ନା ଯାଞ୍ଚ କରାଯାଉଛି । ଏପରିକି ତମାଖୁ ଭୟ ଯୋଗୁଁ କଳାବଜାରୀ ମଧ୍ୟ କରାଯାଉଛି । ତେବେ ସୋନପୁର ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଦୋକାନ ମାନଙ୍କରେ କଳାବଜାରୀ ଆରମ୍ଭ ହୋଇଯାଇଛି । ଗତ କିଛି ଦିନ ଧରି ବ୍ୟାନ୍ ହେବ ବୋଲି ଆଗରୁ ଆଭାସ ମିଳିଥିବାରୁ, କେତେକ ଦୋକାନୀ ଓ ବ୍ୟବସାୟୀ କୋଟି କୋଟି ଟଙ୍କାର ଗୁଟ୍‌ଖା-ତମାଖୁ ସାମଗ୍ରୀ ଷ୍ଟକ୍ କରି ରଖିଥିବା ଅଭିଯୋଗ ଆସୁଛି । ଯେଉଁ ଜିନିଷ ୨୦ ଟଙ୍କାରେ ୪ଟା ରହିଥିଲା, ତାହା ଏବେ ୨୦ ଟଙ୍କାରେ ୩ଟି ତମାଖୁ ମିଳୁଛି । ଏପରିକି ଲୋକମାନେ ଏବେ ଡହଳ ବିକଳ ହୋଇ ସେସବୁ କିଣୁଛନ୍ତି । ଗ୍ରାହକଙ୍କ ମତରେ, ଯେତେବେଳେ ଏକ ଅଭ୍ୟାସ ରହିଛି, ତାହା ଧୀରେ ଧୀରେ କମାଇବେ । ତେଣୁ ଯେଉଁଠି ମିଳୁଛି, ଯେତେ ଟଙ୍କା ଦେଇ ବି କିଣିବେ । ଏପଟେ ଦୋକାନୀଙ୍କ କହିବା ହେଲା ଯେ, 'ଜଣେ ଲୋକ ୫ଟା ନେଉଥିଲା, ଏବେ ସେ ୨୦ଟା ନେଉଛି । କାଳେ ଆଉ ମିଳିବନି । ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେବେ, ତେଣୁ ଡର ଭୟରେ ଅଧିକ କିଣୁଛନ୍ତି । ତେବେ ପ୍ରଶ୍ନ ଉଠୁଛି, ଏହି ବ୍ୟାନ୍‌ରେ ଫାଇଦା କାହାର ? ସାଧାରଣ ଲୋକଙ୍କର ? ନା କଳାବଜାରୀ କରୁଥିବା କିଛି ଚିହ୍ନଟ ଦୋକାନୀ ଓ ମାଫିଆଙ୍କର ଉପରେ ଶୀଘ୍ର କାର୍ଯ୍ୟନୁଷ୍ଠାନ ହେଉ । ସରକାର ସମ୍ପୂର୍ଣ୍ଣ ପାନ ମସଲା ପ୍ରତି କୋହଳ କରିଛନ୍ତି । ନିକୋଟିନ୍ ଥିବା ପାନ ମସଲାକୁ ବନ୍ଦ କରିବା ପାଇଁ କହିଛନ୍ତି । ତେଣୁ କଳାବଜାରୀ କରୁଥିବା ଦୋକାନୀଙ୍କ ଉପରେ ପ୍ରଶାସନ ଦୃଷ୍ଟି ଦେଉନଥିବା ସାଧାରଣ ଚର୍ଚ୍ଚା ହେଉଛି ।

ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ଓ ଓଡ଼ିଶା'ର ସ୍ୱପ୍ନ ସାକାର କରିବାକୁ ଆହ୍ୱାନ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ଦେଢବର୍ଷର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ ହୋଇଥିବାବେଳେ କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ବିଧାୟକଙ୍କ ବାସଭବନ ଠାରେ ଏକ ମିଶ୍ରଣ ପର୍ବ କୋରେଇ ବ୍ଲକ୍ ଅନ୍ତର୍ଗତ ଅସନଝର ଗ୍ରାମପଞ୍ଚାୟତର ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ବିଜେପି ଅସନଝର ଶକ୍ତିକେନ୍ଦ୍ର ସଭାପତି ପ୍ରହ୍ଲାଦ ଜେନା, ବିଜେପି ଅସନଝର ଶକ୍ତିକେନ୍ଦ୍ର ଯୁବମୋର୍ଚ୍ଚା ସଭାପତି ସୁରେଶ କୁମାର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସନଝର ଗ୍ରାମପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ତଥା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସମସ୍ତ ଆଗନ୍ତୁକ ଅସନଝର ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ୍ କରାଇଥିଲେ । ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ଅସନଝର ଗ୍ରାମ ପଞ୍ଚାୟତରେ ବିଜେପି ସ୍ଥିତି ସୁଦୃଢ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମିଶ୍ରଣ ପର୍ବ ଅସନଝର ପଞ୍ଚାୟତ ବିଜେଡିକୁ ଶକ୍ତ ଝଟ୍‌କା ଦେଇଛି ବୋଲି ରାଜନୈତିକ ମହଲରେ ଆଲୋଚନା କରାଯାଉଛି । ଏହି ମିଶ୍ରଣ ପର୍ବରେ ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ସମ୍ପାଦକ ଶୁଭଞ୍ଜନ ଦାଶ, କୋରେଇ ବିଜେପିର ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ପୂର୍ବତନ ସରପଞ୍ଚ ଦିପ୍ତିମୟୀ କୁଅଁର, ଅଶୋକ ବାରିକ, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାଶ, ବ୍ୟାସଦେବ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଜିତେନ୍ଦ୍ର କୁମାର ବେହୁରା, ସୁରେନ୍ଦ୍ର ମଲ୍ଲ, ମଳୟ ଖଟୁଆ, ସୁବ୍ରତ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ନନ୍ଦ, ଅନାଦି ଚରଣ ବାରିକ, ବିଚିତ୍ର ରାଉତଙ୍କ ଉପସ୍ଥିତିରେ ସ୍ୱାଧୀନ ସରପଞ୍ଚ ପ୍ରାର୍ଥୀ ବୁଲ୍‌ବୁଲ୍ ବେହେରା, ସ୍ୱାଧୀନ ସମିତି ସଭ୍ୟ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ରାଉତ, ଦୁର୍ଯ୍ୟୋଧନ ମଲ୍ଲ, ଓ୍ୱର୍ଡମେମ୍ବର ଶରତ ଚନ୍ଦ୍ର ବେହେରା, କାଳନ୍ଦୀ ମଲ୍ଲିକ, ଦୁଶାସନ ଖଟୁଆ, ହରିହର ଖଟୁଆ, ଚନ୍ଦ୍ରମଣି ଖଟୁଆ, ଚିନ୍ତାମଣି ଓଝା, ରାଜୀବ ବାରିକ, ନକୁଳ ସ୍ୱାଇଁ, ରୁଦ୍ର ନାରାୟଣ ଖଟୁଆ, ଭାଗିରଥି ସ୍ୱାଇଁ, ମନୁ ସେଠୀ, ଟିକିନ ସେଠୀ, ଦୋଳଗୋବିନ୍ଦ ଯେନା, ବିଷ୍ଣୁ ନାୟକ, ବୁଲୁ ଦଲେଇ, ମହେଶ୍ୱର ନାୟକ, ଗୋବର୍ଦ୍ଧନ ନାୟକ, ବିଦ୍ୟାଧର ନାୟକ, ଶ୍ରୀଧର ପରିଡା, ଦିଲ୍ଲୀପ ଖଟୁଆ, ଭାଗିରଥୀ ଜେନା, ସୁରତ ଖଟୁଆ, ଚକ୍ରଧର ପରିଡା, ଜଗନ୍ନାଥ ଯେନା, କାଦୁଆ ରାଉତ, ଭୀମସେନ ରାଉତ, ମାନସ ରଞ୍ଜନ ଦାଶ, ସଂଜି ନାଥ, ଶରତ ଯେନା, ମାୟାଧର ବାରିକ, ଦେବାଶିଷ ନାୟକ, ରାମଚନ୍ଦ୍ର ପରିଡା, ବିଶ୍ୱନାଥ ରାଉତ, ଦିଲ୍ଲୀପ ପରିଡା, ରଘୁନାଥ ଭଳି ପ୍ରମୁଖ ବିଜେଡି ଛାଡି ବିଜେପିରେ ଯୋଗଦେଇଥିଲେ । ଏହି ମିଶ୍ରଣ ପର୍ବକୁ ଅନେକ ବିଜେପି କର୍ମକର୍ତ୍ତା ସହଯୋଗ କରିଥିଲେ ।

ଡାହାଣୀ ସନ୍ଦେହରେ ନିର୍ଯାତନା ନିରାକରଣ ନେଇ ତାଲିମ୍ କାର୍ଯ୍ୟକ୍ରମ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଡାହାଣୀ ସନ୍ଦେହରେ ନିର୍ଯାତନାକୁ ନେଇ ଏକ ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁଙ୍କର ସ୍ୱାଗତ ଭାଷଣରେ ଉକ୍ତ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଆଇନ୍‌ର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ସମସ୍ତଙ୍କୁ ଧ୍ୟାନ ଦେବାକୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଡି.ଏସ୍.ପି ଚିତ୍ତରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଡାହାଣୀ ସନ୍ଦେହର ନିର୍ଯାତନାକୁ ନେଇଥିବା ବିଭିନ୍ନ ନୀତି ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମିନତୀ ପାଣିଗ୍ରାହୀ ତାଲିମ୍ ଦାତା ଭାବରେ ଯୋଗଦେଇ ଡାହାଣୀ ନିର୍ଯାତନା ପାଇଁ ଥିବା

ବିଭିନ୍ନ ନୀତି ନିୟମ ଓ ଓଡ଼ିଶାରେ ଘଟିଥିବା ବିଭିନ୍ନ ଘଟଣା ସମ୍ପର୍କରେ ଉଦାହରଣ ରଖିଥିଲେ । ଅନ୍ୟତମ ତାଲିମ୍‌ଦାତ୍ରି ଭାବରେ ସୁନୀତା ତ୍ରିପାଠୀ ଯୋଗଦେଇ ଡାହାଣୀ ସନ୍ଦେହରେ ଘଟୁଥିବା ଘଟଣାରେ ପୀଡିତା ଥିବା ମହିଳାମାନଙ୍କର ସାମାଜିକ ଥଇଥାନ ପାଇଁ ସମସ୍ତଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀମାନେ, ସରପଞ୍ଚ, ସଖିର କର୍ମକର୍ତ୍ତା, ଆଦର୍ଶର କର୍ମକର୍ତ୍ତା, ଆଶାର କର୍ମକର୍ତ୍ତା, ପଶ୍ଚିମ ଓଡ଼ିଶା ଓବିସି ମଞ୍ଚର ଆବାହକ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କିଶୋର ବାଳକ ଓ ବାଳିକା, ପାରାଲିଗାଲ କର୍ମୀମାନେ ଯୋଗଦେଇଥିଲେ । ଛୋଟେ ଲାଲ ସାହୁ ଜିଲ୍ଲା ସଂଯୋଜକ ହବ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ହବ୍‌ର କର୍ମକର୍ତ୍ତାମାନେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିଥିଲେ । ସରିତା ଦାସ ପ୍ରୋଗ୍ରାମ୍ ଅଫିସର କମ୍ ପ୍ରୋଟେକ୍ସନ୍ ଅଫିସର କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସଡ଼କ ସୁରକ୍ଷା ଜୀବନ ରକ୍ଷା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ପ୍ରତିଟି ଜୀବନ ମୂଲ୍ୟବାନ୍ । ସଚେତନତାରେ ହିଁ ଜୀବନ ରକ୍ଷା ହୋଇପାରିବ ବୋଲି ବରଗଡ଼ ଟାଉନ୍ ପୋଲିସ ଆନୁକୂଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଟାଉନ୍ ଥାନା ଅତିରିକ୍ତ ଆଇଆଇସି ଗୁଣ୍ଡିଆ ଖାଖାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସବ୍ ଇନ୍ସପେକ୍ଟର କମଳିନୀ ନାଏକ, ସବ୍ ଇନ୍ସପେକ୍ଟର ଭଗତ ସିଂ ମାଝୀ, ପ୍ରଧାନ ଶିକ୍ଷକ ସୁଦୀପ ରଥ, ସ୍କୁଲ କମିଟି ସଦସ୍ୟ କପିଳେଶ୍ୱର ବାଗ, ସୁଦର୍ଶନ ବାରିକ, ଛାତ୍ରୀ ସାଲିନୀ ସା ପ୍ରମୁଖ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ଜଣେ ଛାତ୍ରଛାତ୍ରୀ ଅତି କମ୍‌ରେ ଦୁଇ ଜଣଙ୍କୁ ସଚେତନ କରାଇବା ପାଇଁ ଆହ୍ୱାନ୍ ଦିଆଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ ।

ମୋକିମ୍‌ଙ୍କ ମହିଳା ସମାବେଶରେ କଂଗ୍ରେସ ନେତ୍ରୀଙ୍କ ଉପସ୍ଥିତି ନେଇ ଚର୍ଚ୍ଚା

କଟକ, ନ୍ୟୁଜ୍ ବ୍ୟୁରୋ

ମୋକିମ୍‌ଙ୍କ ମହିଳା ସମାବେଶକୁ ନେଇ ପୁଣି ଚର୍ଚ୍ଚା ଜୋର୍ । ମୋକିମ୍‌ଙ୍କ ସମାବେଶରେ ପୁଣି ଅତିଥି ହେଲେ ଝିଅ ତଥା କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୌଶ । ସୋଫିଆଙ୍କ ସହ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ୩ କଂଗ୍ରେସ କର୍ପୋରେଟର ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି ଉପସ୍ଥିତିକୁ ନେଇ ଅଧିକ ଚର୍ଚ୍ଚା । ଓଡ଼ିଶା ଜନତା କଂଗ୍ରେସ ନାମରେ ନୂଆ ଦଳ ଗଢ଼ିବାକୁ ଯାଉଛନ୍ତି ମହମ୍ମଦ ମୋକିମ୍ । ଗତ କିଛି ଦିନ ତଳେ ମୋକିମ୍ ଯୁବ ସମାବେଶ କରିଥିବା ବେଳେ ଶୁକ୍ରବାର କରିଥିଲେ ମହିଳା ସମାବେଶ । ତେବେ ଏହା ରାଜନୈତିକ ସମାବେଶ ନୁହେଁ କହି କଥା ଏଡାଇଥିବା ବେଳେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା କହିଛନ୍ତି, ଦଳ ତାଙ୍କ ପ୍ରତି ଅନ୍ୟାୟ କରିଛି । ଆଲୋଚନାକୁ ନ ଡାକି ତାଙ୍କ ସହ ଅବିଚାର କରାଗଲା । ମୋକିମ୍ ବାବୁ ଗଲା ପରେ କଟକ କଂଗ୍ରେସ ଦୁର୍ବଳ ହେବ । ନିଜେ ପରିଶ୍ରମ କରି କଟକରେ କଂଗ୍ରେସକୁ ଉଠେଇ ଥିଲେ ମୋକିମ୍ ବାବୁ ଯେଉଁମାନେ ଭଲ ପାଆନ୍ତି ସେଇମାନେ ତାଙ୍କ ସହ ଯାଉଛନ୍ତି । ସେ ଅଛୁଆଁ ନୁହଁ, ତାଙ୍କ ସହ ଆମେ ସବୁ ଅଛୁ । ତେବେ ଏହି ସମାବେଶ ଦଳୀୟ ମିଟିଂ ନଥିଲା କହି ସ୍ପଷ୍ଟୀକରଣ ଦେଇଛନ୍ତି । ସେପଟେ କଟକ ବିଧାୟିକା ସୋଫିଆ ଫିର୍ଦୌଶ ଏହି ବୈଠକରେ ଶିକ୍ଷିତ ମହିଳାଙ୍କୁ ରାଜନୀତିକୁ ଆସିବାକୁ ଦେଇଛନ୍ତି ଖୋଲା ଆହ୍ୱାନ । ତେବେ ବାପାଙ୍କ ସ୍ୱପ୍ନକୁ ଆଗକୁ ସାକାର କରିବି ବୋଲି ପ୍ରତିକ୍ରିୟା ଦେବା ସହ ଦଳ ଛାଡି ବାପାଙ୍କ ସହ ଯାଉଥିବା ନେତାଙ୍କୁ ଦଳରେ ରହିବାକୁ ବୁଝାଇବା ପାଇଁ ପ୍ରୟାସ କରୁଛୁ ସୋଫିଆ କହିଛନ୍ତି ।

ଦେଶ ପାଇଁ ଆତ୍ମବଳି ଦେଇଥିବା ବରପୁତ୍ର ମାନଙ୍କ ସ୍ମୃତିଚାରଣ କଲେ ଜିଲ୍ଲାପାଳ

ବାଲେଶ୍ୱର, ନ୍ୟୁଜ୍

ଭାରତ ସରକାରଙ୍କ ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ଗମ୍ଭୀରତାର ସହ ପାଳନ କରାଯାଇଛି । ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ମହୋଦୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂଙ୍କ ସହ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦଣ୍ଡାୟମାନ ହୋଇ ଶହୀଦମାନଙ

ପକ୍ଷାଭିତ୍ତିକ
32 YEARS
ସମ୍ବାଦ କଳିକା

ସୋସିଆଲ ମିଡିଆ ମାୟାରେ ବାୟା : ଦୁଇ ବର୍ଷରେ ୧୧ ହଜାର ପିଲା ନିଖୋଜ

୨୦୨୫ ଜାନୁଆରୀରେ ଭୁବନେଶ୍ୱର ରେଲୱେ ଷ୍ଟେସନରେ ଏକାକୀ ଟ୍ରେନକୁ ଅପେକ୍ଷା କରି ବସିଥାଏ ୧୪ ବର୍ଷର ସୀମା(ଛଦ୍ମ ନାମ) । ଆରପିଏଫ୍‌ର ଜଣେ ମହିଳା ଅଧିକାରୀ କଥାବାର୍ତ୍ତା ହେବାରୁ ଝିଅଟି ଘର ଛାଡ଼ି ପଳାଇ ଆସିଥିବା ଜଣାପଡ଼ିଲା । ପରେ ଅଧିକାରୀମାନେ ବୁଝାସୁଝା କରି ଝିଅକୁ ତା'ର ପରିବାରକୁ ହସ୍ତାନ୍ତର କରିଥିଲେ । ଝିଅକୁ ମା' ଆକଟ କରି ଗାଳି ଦେବାରୁ ସେ ନିଜ ଅନଲାଇନ୍ ପ୍ରେମିକ ପାଖକୁ ଚାଲିଯିବ ବୋଲି ରାଗି ଘରୁ ପଳାଇ ଆସିଥିଲା । ସୀମା ଭଳି ଶହ ଶହ କିଶୋର କିଶୋରୀ ସାମାଜିକ ଗଣମାଧ୍ୟମ ପ୍ରଭାବରେ ପ୍ରେମର ଛଳନାର ଶିକାର ହୋଇ ଘରୁ ଚାଲି ଯାଉଛନ୍ତି । ଜୀବନହାନୀ, ଅଙ୍ଗତସ୍କରୀ ବା ଯୌନ କାରବାର ଭଳି ଅଘଟଣର ଶିକାର ହେଉଛନ୍ତି । ଏହା ପଛରେ ଏକ ରାକେଟ୍ କାମ କରୁଛି । ତଥ୍ୟ ଅନୁସାରେ, ୨୦୨୫ରେ ପୂର୍ବତଟ ରେଲୱେର ବିଭିନ୍ନ ଷ୍ଟେସନ ପରିସର ଏବଂ ଟ୍ରେନରୁ ୧୧୦୩ ଜଣ ନାବାଳକ ନାବାଳିକାଙ୍କୁ ଉଦ୍ଧାର କରିଛି ରେଳ ସୁରକ୍ଷା ବଳ । କେବଳ ଭୁବନେଶ୍ୱର ଷ୍ଟେସନରୁ ୫୪ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି । ସର୍ବାଧିକ ଖୋର୍ଦ୍ଧା ଡିଭିଜନରୁ ୪୫୫ ନାବାଳକ ଏବଂ ୧୨୩ ଜଣ ନାବାଳିକାଙ୍କୁ ଉଦ୍ଧାର ହୋଇଛନ୍ତି । ୨୦୨୪ରେ ମଧ୍ୟ ଖୋର୍ଦ୍ଧା ଡିଭିଜନରୁ ୩୬୫ ପୁଅ ଓ ୫୯ ଝିଅ ଉଦ୍ଧାର ହୋଇଥିଲେ । ଏହି ବର୍ଷ ପୂର୍ବତଟ ରେଲୱେ ଅଞ୍ଚଳରେ ମଧ୍ୟରେ ୮୧୯ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା । ଜଣେ ବରିଷ୍ଠ ରେଳ ଅଧିକାରୀଙ୍କ କହିବା ଅନୁଯାୟୀ, ଘରୁ ଫେରାର ହୋଇଥିବା ପିଲାଙ୍କ ସଂଖ୍ୟା ଅଧିକ । ସେହିପରି ତଥ୍ୟ ଅନୁସାରେ ୨୦୨୫ରେ ଖୋର୍ଦ୍ଧା ଜିଲ୍ଲାରେ ଚାଇଲଡ୍ ହେଲ୍‌ପଲାଇନ୍ ସହାୟତାରେ ୧୪୨ ଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୧୧ହଜାରରୁ ଊର୍ଦ୍ଧ୍ୱ ଶିଶୁ ନିଖୋଜ ହୋଇଥିବା ନେଇ ମାମଲା ରୁଜୁ ହୋଇଛି । ସେମାନଙ୍କ ମଧ୍ୟରୁ ୮ ହଜାର ୩୬୨ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ଏବେ ବି ପ୍ରାୟ ୩ ହଜାର ଶିଶୁଙ୍କ ପତ୍ତା ମିଳିନାହିଁ । ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରେ ୭୮୫ଟି ଶିଶୁ ନିଖୋଜ ମାମଲା ପଞ୍ଜିକୃତ ହୋଇଛି । ସୋସିଆଲ ମିଡିଆ ଯୋଗୁ ଏଲୋପିଂ(ଅଭିଭାବକଙ୍କ ଅଗୋଚରରେ ବିବାହ) ଭଳି ମାମଲା ବଢ଼ିବାରେ ଲାଗିଛି । ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ପାଖକୁ ମଧ୍ୟ ଏଭଳି ଅନେକ ମାମଲା ଆସୁଛି । ଏହାକୁ ରୋକିବା ଲାଗି ଆୟୋଗଙ୍କ ପକ୍ଷରୁ ଫେବ୍ରୁଆରୀରୁ ଅନ୍‌ଲାଇନ୍ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତି ସ୍କୁଲରେ ଏବଂ ପରେ ସମସ୍ତ ବ୍ଲକ୍, ୱାର୍ଡ଼ ତଥା ପ୍ରତି ଶିଶୁ ଓ ଅଭିଭାବକଙ୍କୁ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ କରାଯିବ । ପିଲାଙ୍କୁ ଇଣ୍ଟରନେଟ୍‌ର ସୁବ୍ୟବହାର ଏବଂ କୁପରିଣତି ବିଷୟରେ ବୁଝାଯିବ । ଏଥିସହ ପୁଲିସ ବିଭାଗ ସହ ଆଲୋଚନା କରାଯାଇ ଆଗାମୀ ଦିନରେ ଦୃଢ ପଦକ୍ଷେପ ନିଆଯିବ ବୋଲି ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ସୂଚନା ଦେଇଛନ୍ତି ।

ରାଜନୀତି ହେଉଛି ଶ୍ରେଷ୍ଠନୀତି

ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୬୧୮୦

ସର୍ବୋଚ୍ଚ ନୀତି ବା ନିୟମ ହିଁ ରାଜନୀତି । ଏହାର ଲକ୍ଷ୍ୟ ହେଉଛିଉନ୍ନତ ବିଚାରଧାରା ଉପରେ ଏକ ଉନ୍ନତ ଶାସନ ବ୍ୟବସ୍ଥାକୁ ପ୍ରତିଷ୍ଠା କରିବା । ବିଶ୍ୱରେ ମାନବ ସଭ୍ୟତାର ବିକାଶ ସହିତ ରାଷ୍ଟ୍ରୀୟ ଚେତନାର ମଧ୍ୟ ବିକାଶ ଘଟିଛି । ରାଷ୍ଟ୍ରୀୟ ସୀମା ମଧ୍ୟରେ ଆବଦ୍ଧ ଲୋକମାନଙ୍କୁ ସୁଖଶାନ୍ତିରେ ଓ ସମ୍ମାନର ସହିତ ବଞ୍ଚିବାର ସୁଯୋଗ ରାଷ୍ଟ୍ର ପ୍ରଦାନକରେ । ଏଥିପାଇଁ ଉନ୍ନତ ନିୟମର ଆବଶ୍ୟକତା ପଡେ । ଏହି ଉନ୍ନତ ନିୟମ ହିଁ ରାଜନୀତି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରକାର ନିୟମ ପ୍ରଣୟନର ବ୍ୟବସ୍ଥାକୁ ରାଜନୀତି କୁହାଗଲା । ତେଣୁ ରାଜନୀତି ଏକ ଆଦର୍ଶଗତ ଭାବନା । ରାଷ୍ଟ୍ରକୁ ପରିଚାଳିତ କରିବା ପାଇଁ ଏହା ସକାରାତ୍ମକ ନିୟାମକର ସମାହାର । ଦେଶକୁ ଶାସନ କରିବାର ଏକ ଉନ୍ନତ ବ୍ୟବସ୍ଥା । କେତେକେ କୁଟିଳ ବିଚାରକୁ ବା କୂଟନୀତିକୁ ରାଜନୀତି ସହିତ ଯୋଡିଥାନ୍ତି, ଯାହା ଯଥାର୍ଥ ନୁହେଁ । ଅତୀତରେ ରାଜାଙ୍କ ନୀତିକୁ ରାଜନୀତି କୁହଯାଉଥିଲା ସତ୍ୟ, ହେଲେ ରାଜାଙ୍କ ନୀତି ଉନ୍ନତ ନିୟମରୁ ଭିନ୍ନ ନୁହେଁ । ଏବେ ଆଉ ରାଜା ନାହାଁନ୍ତି, ତେଣୁ ରାଜନୀତି ଏବେ ଗଣନୀତି ଉପରେ ପର୍ଯ୍ୟବେଶିତ । ଯାହା ସାଧାରଣ ଜନତାଙ୍କ ସର୍ବାଧିକ ସୁଖସ୍ୱାଚ୍ଛନ୍ଦ ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ରାଜତନ୍ତ୍ରରେ ଜନତାଙ୍କ ମଧ୍ୟରେ ରାଜା ଶ୍ରେଷ୍ଠ ଥିଲେ । ତଦନୁଯାୟୀ ନିୟମମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ରାଜନୀତି ।

ରାଜନୀତିର ବିପରୀତ ହେଉଛି ଭ୍ରଷ୍ଟନୀତି । ରାଷ୍ଟ୍ର ଯେତେବେଳେ ଆଦର୍ଶଗତ ଦିଗ ଛାଡି ଅନାଦର୍ଶର ଅନୁଗାମୀ ହୁଏ, ସେତେବେଳେ ତାହାକୁ ରାଜନୀତି ନକହି ଭ୍ରଷ୍ଟାଚାର ବା ଭ୍ରଷ୍ଟନୀତି କୁହଯାଏ । ଏହା ରାଷ୍ଟ୍ର ଶାସନର କଳୁଷିତ ବ୍ୟବସ୍ଥାକୁ ବୁଝାଏ । ଗୋଟିଏ ରାଷ୍ଟ୍ର ଭ୍ରଷ୍ଟାଚାର କବଳିତ ହୁଏ, ଯେତେବେଳେ ଏହି ମାନସିକତାର ଲୋକମାନେ ଶାସନ କ୍ଷମତାକୁ ଆସନ୍ତି । ଏମାନେ ସାଧାରଣ ଜନତାଙ୍କ ସୁଖଶାନ୍ତିକୁ ହରଣ କରନ୍ତି । ରାଷ୍ଟ୍ରୀୟ କ୍ଷମତାକୁ ନିଜ ସ୍ୱାର୍ଥପାଇଁ ବ୍ୟବହାର କରନ୍ତି । ଲୋକଙ୍କୁ ଶୋଷଣ ଓ ଅତ୍ୟାଚାର କରି ନିଜର ଆଧିପତ୍ୟକୁ ବିସ୍ତାର କରିବାକୁ ଚାହାଁନ୍ତି । ସାର୍ବଜନୀନ ମଙ୍ଗଳ ଏମାନଙ୍କ ପାଇଁ ମୂଲ୍ୟହୀନ ହୋଇଯାଏ । ଏମାନେ କେବଳ ନିଜ ମଙ୍ଗଳ କଥା ଚିନ୍ତା କରନ୍ତି । ବର୍ତ୍ତମାନର ଅର୍ଥସର୍ବସ୍ୱ ସମାଜରେ ମୁଖ୍ୟ ଲକ୍ଷ୍ୟ ରହେ ଆର୍ଥିକ ଶୋଷଣ । କ୍ରମେ ଏହା ଉପରୁ ତଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୁଏ । ଶେଷରେ ରାଷ୍ଟ୍ରବ୍ୟାପି ଭ୍ରଷ୍ଟାଚାରୀଙ୍କ ଶୃଙ୍ଖଳା ତିଆରି ହୋଇଯାଏ । ଧାର୍ମିକ ମୌଳବାଦ ଓ ଉଗ୍ରଜାତିବାଦ ମଧ୍ୟ ଭ୍ରଷ୍ଟନୀତିର ଅନ୍ତର୍ଗତ ଅଟେ । ଯେଉଁ ନୀତି ଲୋକଙ୍କ ମଧ୍ୟରେ ଘୃଣା ଦ୍ୱେଷଭାବ ଜାଗ୍ରତ କରେ ଓ ସଂଘର୍ଷର ସୂତ୍ରପାତ କରେ ତାହା କେବେ ଆଦର୍ଶ ରାଜନୀତି ହୋଇ ନପାରେ । ଏହା ସର୍ବାପେକ୍ଷା ଅଧିକ ନିକୃଷ୍ଟ ନୀତି ।

ଏପରି ଅବସ୍ଥାରେ ଦେଶରେ ଅରାଜକତା ଦେଖାଦିଏ । ସୁଶାସନ ବଦଳରେ କୁଶାସନ ଆସେ । ଲୋକଙ୍କ ଉପରେ ଅତ୍ୟାଚାର ବଢେ । ରାଷ୍ଟ୍ରୀୟ ଶୋଷଣ ବଢେ । ସରକାରଙ୍କ ପୃଷ୍ଠପୋଷକତାରେ ଭ୍ରଷ୍ଟନୀତିର ପରିବ୍ୟାପ୍ତ ହୁଏ । ନେତାଙ୍କ ବଦଖର୍ଚ୍ଚ ଓ ବିଳାସମୟ ଖର୍ଚ୍ଚ ସାଧାରଣ ଜନତାଙ୍କଠାରୁ ଆଦାୟ କରାଯାଏ ବିଭିନ୍ନ ଟ୍ୟାକ୍ସ ମାଧ୍ୟମରେ । ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରୀୟ ସମ୍ପତ୍ତିକୁ ବିକ୍ରୀ କରିଦେବାକୁ ପଛାନ୍ତି ନାହିଁ । ଧର୍ମ ଓ ଜାତିକୁ ନେଇ ଲୋକମାନଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି କରାଯାଏ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ । ପ୍ରଶାସନ ଏମାନଙ୍କ ଅଂଶୀଦାର ହୋଇଯାଏ ଓ ପୋଲିସ ସୁରକ୍ଷା କବଚ ସାଜେ । ଦେଶରେ ଗଣତନ୍ତ୍ର ବଦଳରେ ଧନତନ୍ତ୍ର ଓ ଗୁଣ୍ଡାତନ୍ତ୍ର ସ୍ଥାପିତ ହୁଏ । ଗଣତନ୍ତ୍ର ଯେ ଏକ ଉନ୍ନତ ବୌଦ୍ଧିକ ବିଚାର ଏହାକୁ ସମାପ୍ତ କରାଯାଏ । ଏହାକୁ ଏକ ପର୍ଣ୍ଣ୍ୟଦ୍ରବ୍ୟରେ ପରିଣତ କରାଯାଏ । ଯାହାକୁ କିଣାବିକା କରାଯାଇ ପାରେ ।

ଭ୍ରଷ୍ଟାଚାର ବ୍ୟାପିଲେ ବ୍ୟଭିଚାର ନୈତିକତାକୁ ଗ୍ରାସ କରିଯାଏ । ମଦ, ମାଂସ, ଟଙ୍କା ଇତ୍ୟାଦି ଦେଇ ଭୋଟ କିଣାଯାଏ । ବାହୁବଳୀମାନେ ସକ୍ରୀୟ ହୋଇଯାଆନ୍ତି । ବିଜ୍ଞ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ଚୁପ୍ ରହିବାକୁ ସୁରକ୍ଷା ମଣନ୍ତି । ଗଣମାଧ୍ୟମ ଏମାନଙ୍କ ଚାଟୁକାର ସାଜେ । ସମସ୍ତ ପ୍ରକାର ପ୍ରତିରୋଧି ଗୋଷ୍ଠୀକୁ ସମାପ୍ତ କରିଦେବାର ପ୍ରୟାସ ହୁଏ । ଏପରିକି ନ୍ୟାୟିକ ବ୍ୟବସ୍ଥାକୁ ମେନେଜ୍ କରିବାର ଚେଷ୍ଟା ହୁଏ । ଭ୍ରଷ୍ଟ ବିଚାରଧାରାକୁ ନେଇ ରାଜନୈତିକ ଦଳ ଗଢି ଉଠେ । ଭ୍ରଷ୍ଟାଚାରକୁ ବଢାଇବା ପାଇଁ ତାଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ । ଯିଏ କ୍ଷମତାକୁ ଆସିଲେବି ଭ୍ରଷ୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ଆସେ ନାହିଁ । ଗୋଟିଏ ଭ୍ରଷ୍ଟାଚାରୀକୁ ହଟାଇଲେ ଅନ୍ୟ ଏକ ଭ୍ରଷ୍ଟାଚାରୀ କ୍ଷମତାକୁ ଆସେ । ଅଦଳ ବଦଳ ହୋଇ କେତେକ କ୍ଷେତ୍ରରେ ବୁଝାମଣାରେ ଲୁଟତରାଜ୍ ଚାଲେ ।

ତେବେ ପରିବର୍ତ୍ତନ ଅବସମ୍ଭାବୀ । ଏପରି ବ୍ୟବସ୍ଥା ଦୀର୍ଘ ସମୟ ଧରି ଚାଲେ ନାହିଁ । ଅତ୍ୟାଚାର ଓ ଶୋଷଣ ବଢିଲେ ଲୋକମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟେ । ସେମାନେ ପ୍ରତିବାଦ କରିବା ଆରମ୍ଭ କରନ୍ତି । ରାଜ ରାସ୍ତାକୁ ଓହ୍ଲାନ୍ତି । ସଂଗଠିତ ହୁଅନ୍ତି । ରାଷ୍ଟ୍ରୀୟ ଜାଗରଣ ତିଆରି କରନ୍ତି । ପରିବର୍ତ୍ତନର ବାର୍ତ୍ତା ପ୍ରସାର କରନ୍ତି । ଯେତେବେଳେ ଏହା ଜନ ଆନ୍ଦୋଳନର ରୂପ ନିଏ ପରିବର୍ତ୍ତନର ବାଟ ଫିଟେ । ଆଦର୍ଶଗତ ରାଜନୈତିକ ପଟ୍ଟ ପରିବର୍ତ୍ତନ ହୁଏ । ସଚ୍ଚୋଟ ଓ ନୀତିନିଷ୍ଠ ସରକାର ଆସେ ଭ୍ରଷ୍ଟାଚାରକୁ ହଟାଇବା ପାଇଁ । ଧର୍ମାନ୍ଧତାକୁ ପ୍ରତିହତ କରିବା ପାଇଁ ଓ ସାମାଜିକ ସମତା ପ୍ରତିଷ୍ଠା ପାଇଁ ପ୍ରୟାସ ହୁଏ । ଏହା ପୁଣି ରାତାରାତି ହୁଏ ନାହିଁ । ସେଥିପାଇଁ ସମୟ ଲାଗେ । କାରଣ ପୂର୍ବ ଭ୍ରଷ୍ଟ ବ୍ୟବସ୍ଥା ସହଜରେ କାମ କରାଇ ଦିଏ ନାହିଁ । ନୂତନ ସରକାରକୁ ମଧ୍ୟ ଭ୍ରଷ୍ଟାଚାରୀ ବୋଲି ପ୍ରମାଣ କରିବାର ଭରପୁର ପ୍ରୟାସ କରେ । ବିଶ୍ୱରେ ପରିବର୍ତ୍ତନର ଏପରି ବହୁ ଦୃଷ୍ଟାନ୍ତ ରହିଛି । ପୂର୍ଣ୍ଣ ବିକଶିତ ଗଣତାନ୍ତ୍ରିକ ରାଷ୍ଟ୍ରମାନେ ଏହି ବାଟ ଦେଇ ଆସିଛନ୍ତି । ରାଷ୍ଟ୍ରୀୟ ଚେତନାର ବିକାଶ ମାଧ୍ୟମରେ ପୂର୍ଣ୍ଣ ପରିପକ୍ୱ ଗଣତାନ୍ତ୍ରିକ ବ୍ୟବସ୍ଥାର ସେମାନେ ପ୍ରତିଷ୍ଠା କରିଛନ୍ତି । ଏଥି ପାଇଁ ତାଙ୍କୁ ଦୀର୍ଘ ସମୟ ଲାଗିଛି ।

ଭାରତବର୍ଷରେ ଭ୍ରଷ୍ଟାଚାର ସ୍ୱାଧୀନତା ପରଠାରୁ କ୍ରମେ ବୃଦ୍ଧି ପାଇ ବଟବୃକ୍ଷରେ ପରିଣତ ହୋଇଛି । ଏହା ସହିତ ଧର୍ମାନ୍ଧତା ଓ ଜାତିଗତ ବିଦ୍ୱେଷ ମଧ୍ୟ ବୃଦ୍ଧି ପାଇଛି । ଲୋକମାନେ ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉଠାଇ ବଡ ନେତା ହୋଇ ଯାଇଛନ୍ତି, କିନ୍ତୁ ଭ୍ରଷ୍ଟାଚାର ହଟିନାହିଁ । ଦେଖାଯାଇଛି ଭ୍ରଷ୍ଟାଚାର ବିରୁଦ୍ଧରେ ଲଢୁଥିବା ଲୋକଟି ସମୟ କ୍ରମେ ବଡ ଭ୍ରଷ୍ଟାଚାରୀ ବନି ଯାଇଛି । ତେବେ ସମୟର ପରିବର୍ତ୍ତନରେ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନ ଭାରତବର୍ଷରେ ପରିପକ୍ୱ ହୋଇଛି । ଦୀର୍ଘ ସଂଗ୍ରାମ ପଥରେ ସୂଚନା ଅଧିକାର ଆଇନ୍ ଆସିଛି । ଜନଲୋକପାଳ ବିଲପାଇଁ ଆନ୍ଦୋଳନ ଦେଶର ସାଧାରଣ ଜନତାଙ୍କୁ ଜଗାଇବାର କାମ କରିଛି । ଚିଠା ବିଲ ମୁତାବକ ଲୋକପାଳ ଗଠିତ ହୋଇ ପାରିନାହିଁ । ସୂଚନା ଅଧିକାର ଆଇନକୁ ଦୁର୍ବଳ କରାଯାଉଛି । ଏ ବାବଦକୁ ଭ୍ରଷ୍ଟ ରାଜନୈତିକ ମନିଷ୍ଟାକୁ ଲୋକେ ବୁଝି ପାରୁଛନ୍ତି । ଏହା ସହିତ ଧର୍ମାନ୍ଧତା ବିରୁଦ୍ଧରେ ଲୋକ ସଚେତନ ହେଲେଣି । ଭୋଟପାଇଁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଲଢେଇ ଲଗାଯାଉଛି ବୋଲି ବୁଝିବା ଆରମ୍ଭ କରିଛନ୍ତି । ଜାତିଗତ ଶୋଷଣ ବିରୁଦ୍ଧରେ ମଧ୍ୟ ପ୍ରତିକ୍ରୀୟା ତୀବ୍ର ହେଉଛି । ବଞ୍ଚିତ ଜାତିମାନେ ସମାନ ଅଧିକାର ହାସଲ ପାଇଁ ସଂଗଠିତ ହେଉଛନ୍ତି ।

ଏହି ସମସ୍ତ ଆନ୍ଦୋଳନ ଭିତରୁ ନିଶ୍ଚୟ ଜନ୍ମ ନେବ ନୂତନ ରାଜନୈତିକ ସମ୍ଭାବନା । ଭ୍ରଷ୍ଟାଚାର ହଟାଇବାକୁ ମୁଖ୍ୟ ବିଷୟଭାବେ ଗ୍ରହଣକରି ରାଜନୀତି ଆରମ୍ଭ ହେବ । ଏହା ସହିତ ଧାର୍ମିକ ସଦଭାବନା ଓ ଜାତିଗତ ସମତାକୁ ଗୁରୁତ୍ୱ ଦେଉଥିବା ରାଜନୀତି କ୍ରମେ ପ୍ରଭାବଶାଳୀ ହେବ । ଏକ ସକାରାତ୍ମକ ଦିଗକୁ ରାଷ୍ଟ୍ରୀୟ ରାଜନୀତି ନିଶ୍ଚୟ ଗତିକରିବ । ରାଜନୀତି ଏକ ଉନ୍ନତନୀତି, ଏହା ଭ୍ରଷ୍ଟନୀତି ନୁହେଁ, ଏ ଭାବନାକୁ ପ୍ରତିଷ୍ଠା କରିବାର ପ୍ରୟାସ ହେବ । ଦେଶରୁ ଭ୍ରଷ୍ଟନୀତିକୁ ହଟାଇ ଏକ ସ୍ୱଚ୍ଛ ରାଜନୈତିକ ବ୍ୟବସ୍ଥାର ସଂସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏ ଦିଗରେ ସାମଗ୍ରିକ ରାଜନୈତିକ ପ୍ରଚେଷ୍ଟା ଓ ସାମାଜିକ ଚେତନାର ବିକାଶ ଅତ୍ୟନ୍ତ ଜରୁରୀ ।

ଅର୍ଥନୈତିକ ସ୍ୱାଧୀନତା ଅଭିମୁଖେ ଭାରତ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆର୍ଥୀକ ସ୍ୱାଧୀନତା ହେଉଛି ମଣିଷର ଆଉ ଏକ ବହୁ ଅଭିଳାଷିତ ମୌଳିକ ଆବଶ୍ୟକତା । ଶାନ୍ତିପୂର୍ଣ୍ଣ ବସବାସ ଏବଂ ଜୀବନର କଠିନ ପରିସ୍ଥିତିରେ ସାହାସିକତାର ସହ ସଂଗ୍ରାମ ପାଇଁ ଏହା ଆତ୍ମବିଶ୍ୱାସ ଏବଂ ସାମର୍ଥ୍ୟ ଦେଇଥାଏ । ସ୍ୱାଧୀନତା ଭାବେ ଶ୍ରମ ଓ କାର୍ଯ୍ୟର ବ୍ୟବହାର ନିଷ୍ପତ୍ତି, ଶ୍ରମ ଫଳାଫଳର ସ୍ୱାଧୀନ ଭାବେ ଉପଭୋଗ, ନିଜର ଏବଂ ଘରୋଇ ନିୟନ୍ତ୍ରଣରେ ଥିବା ସମ୍ପତ୍ତିର ସ୍ୱାଧୀନତା ଓ ମୁକ୍ତ ବାଣିଜ୍ୟରେ ଅଂଶଗ୍ରହଣ ଆଦି ଅର୍ଥନୈତିକ ସ୍ୱାଧୀନତାର ଅର୍ନ୍ତଭୁକ୍ତ । ଆର୍ଥୀକ ବିକାଶ ବା ପ୍ରଗତି ମୁକ୍ତ ବଜାର ଏବଂ ସ୍ୱାଧୀନା ଜନସାଧାରଣ ହେଉଛନ୍ତି ଦୁଇଟି ବୃହତ ଅପରିହାର୍ଯ୍ୟ ଶକ୍ତି ସ୍ୱାଧୀନ ଭାବେ ବ୍ୟକ୍ତିଗତ, ସାମୁହିକ ଏବଂ ଉତ୍ତମ ଆର୍ଥୀକ ସ୍ଥିତି ବିକାଶକୁ ପ୍ରୋତ୍ସାହନ ଦେଇଥାଏ । ନିୟୁତ ନିୟୁତ ଲୋକଙ୍କର ବିଶ୍ୱାସ ରହିଛି ଯେ, ଅଧିକ ଜିଡିପି ହେଉଛି ଜନସାଧାରଣଙ୍କର ପରିସ୍ଥିତିରେ ଉନ୍ନତି ଆଣିଥାଏ । ଅର୍ଥନୈତିକ ସ୍ୱାଧୀନତା ଏକ ସାଂଖ୍ୟିକ ନମ୍ବର ପ୍ରକାଶ ଓ ମାପକାଠି । ଉଲ୍ଲେଖଯୋଗ୍ୟ ଯେ, 'ଦି ହେରିଟେଜ ଫାଉଣ୍ଡେସନ ଅଫ ଆମେରିକା' ୧୯୯୫ ମସିହା ଠାରୁ ପ୍ରତିବର୍ଷ ଅର୍ଥନୈତିକ ସ୍ୱାଧୀନ ସୂଚ୍ୟାଙ୍କ ପ୍ରକାଶ କରିଆସୁଛି । ଏହି ସୂଚ୍ୟାଙ୍କକୁ ଅର୍ଥନୈତିକ ସ୍ୱାଧୀନତାର ଏକ ବ୍ୟାପକ ଦୃଷ୍ଟିକ୍ଷେତ୍ର ଭାବେ ଗ୍ରହଣ କରାଯାଇଥାଏ । ଉଲ୍ଲେଖ କରାଯାଇପାରେ ଯେ, ୨୦୨୫ ସୂଚ୍ୟାଙ୍କ ରିପୋର୍ଟ ସ୍ୱୀକାର କରାଯାଇଛି ଯେ, ବିଶ୍ୱବ୍ୟାପୀ ଅର୍ଥନୈତିକ ସ୍ୱାଧୀନତା ଏବେ ଆକ୍ରମଣର ସମ୍ମୁଖୀନ । ଭାରତ ମଧ୍ୟ ଏଥିରୁ ବାଦ ପଡିନାହିଁ । ବିଶ୍ୱର ୧୭୬ଟି ରାଷ୍ଟ୍ର ମଧ୍ୟରେ ତାଲିକାର ୧୨୮ତମ ର୍ୟାଙ୍କରେ ଭାରତ ରହିଛି । ଶୂନ(୦)ରୁ ୧୦୦ ମଧ୍ୟରେ ମାପକାଠି ଭାରତର ସ୍କୋର ୫୩ରହିଛି । ଯାହାକୁ ପରାଧୀନ ବୋଲି କୁହାଯାଇଛି । ଗତ ୨୦୦୨ଠାରୁ ଭାରତ ଲଗାତାର ଭାବେ ପରାଧୀନ ପର୍ଯ୍ୟାୟରେ ରହିଆସିଛି । ଭାରତରେ ଅର୍ଥନୀତି ଚାପରେ ଥିବା ରିପୋର୍ଟରେ ଦର୍ଶାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମଧ୍ୟବିତ ବର୍ଗର ସ୍ୱାଧୀନତା ଶ୍ୱାସରୋଧ ଅବସ୍ଥାରେ ଥିବାବେଳେ ଧନୀକ ବର୍ଗ ଅଧିକ ଧନୀ ହୋଇଛନ୍ତି । ଭାରତ ଜିଡିପି ଅଭିବୃଦ୍ଧି ମୁଖ୍ୟତଃ ଦ୍ରବ୍ୟର କ୍ରୟ ଓ ବ୍ୟବହାର ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଦେଶର ମୋଟ ଜନସଂଖ୍ୟାର ୧୦ପ୍ରତିଶତ ଧନୀଙ୍କ ବର୍ଗ ହେଉଛନ୍ତି ମୁଖ୍ୟ ଉପଭୋକ୍ତା । ଅଣ ଅତ୍ୟାବଶ୍ୟକୀୟ ସାମଗ୍ରୀର ବ୍ୟୟ କରିବାରେ ସେମାନଙ୍କର ୬୬ପ୍ରତିଶତ ଇଚ୍ଛାଧୀନ ସାମର୍ଥ୍ୟ ରହିଛି । ସେମାନେ ହିଁ ପ୍ରକୃତ ବା ବାସ୍ତବ ଅର୍ଥନୈତିକ ସ୍ୱାଧୀନତା ଉପଭୋଗ କରିଥାନ୍ତି । ଅଣ-ଅତ୍ୟାବଶୀକୀୟ ସାମଗ୍ରୀରେ ବ୍ୟୟ କରିବାର ସାମର୍ଥ୍ୟ ହେଉଛି ଆର୍ଥୀକ ସ୍ୱାଧୀନତା ଜଟିଳ ସୂଚକ । ଏହି ୧୦ପ୍ରତିଶତ ବର୍ଗ ସୀମିତ ଓ ନିର୍ଭରଶୀଳ । ବ୍ରୁମେ ଭେଂଚରସ୍ ଦ୍ୱାରା ପ୍ରକାଶିତ ଇଣ୍ଡସ ଭ୍ୟାଲି ରିପୋର୍ଟ ୨୦୨୫ରେ ସେମାନଙ୍କୁ ଭାରତର ଉପଭୋକ୍ତା ଅର୍ଥନୀତିର ଇଂଜିନ ଭାବେ ବର୍ଣ୍ଣନା କରାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଭାରତ ଭିତରେ ଇଣ୍ଡିଆ ଲିମିଟେଡ ଏକ ଉଚ୍ଚ ଆୟକାରୀ ଦେଶ ଏବଂ ଭାରତ ଏକ ସାମଗ୍ରୀକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ପ୍ରଗତିଶୀଳ ଅର୍ଥନୀତି ଗଠନ କରିଛି । ଏହି ୧୦ପ୍ରତିଶତ ବର୍ଗଙ୍କ ସଂଖ୍ୟା ହେଉଛି ୧୪କୋଟି, ଯାହାକି ବିଶ୍ୱରେ ଦଶମ ଜନବହୁଳ ବୋଲି କୁହାଯାଇଛି । ସେହିପରି ବିଶ୍ୱରେ ଭାରତର ମୁଣ୍ଡପିଛା ଆୟ ଏବେ ବିଶ୍ୱରେ ୬୩ତମ ର୍ୟାଙ୍କରେ ରହିଛି । ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ଚୀନକୁ ପଛରେ

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧ ଫେବୃୟାରୀ ୨୦୨୬ ରବିବାର

ରାଜା ସୀମାଞ୍ଚଳଙ୍କୁ ମିଳିବ ପଦ୍ମଶ୍ରୀ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଦିଗପହଣ୍ଡି ବ୍ଲକ୍ ବମୋକେଇ ଗ୍ରାମ ବଡ଼ ସାହିର ପୌରାଣିକ ପ୍ରହଲ୍ଲାଦ ନାଟକର ହିରଣ୍ୟକଶ୍ୟପ ରଜା ଭୂମିକାରେ ଅଭିନୟ କରୁଥିବା ନିର୍ଦ୍ଦେଶକ (ଗୁରୁ) ସୀମାଞ୍ଚଳ ପାତ୍ର (୯୭)ଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରିଛନ୍ତି । ତାଙ୍କୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସମାରୋହରେ ସମ୍ମାନୀତ କରିବେଫ । ଖବର ପ୍ରଚାରିତ ପରେ ସମଗ୍ର ଦିଗପହଣ୍ଡି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବମୋକେଇ ଗ୍ରାମର ସୁର ପାତ୍ର ଓ ବାଙ୍ଗାରି ଦେବୀଙ୍କ ପୁଅ ସୀମାଞ୍ଚଳ ମାତ୍ର ୬ ବର୍ଷ ବୟସରେ ପାଲୁରଗଡ଼ର ନୃତ୍ୟଗୁରୁ ନରସିଂହ ପ୍ରଧାନଙ୍କ ଠାରୁ ଓଡ଼ିଶୀ ନୃତ୍ୟର ପୂର୍ବାଭାସ ସଖୀ ନାଚ ଶିକ୍ଷା କରିଥିଲେ । ବାପା ସୁର ପାତ୍ର ଜଣେ ଗରିବ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ନୃତ୍ୟ ଗୀତ ପ୍ରତି ତାଙ୍କର ରୁଚି ଥିଲା । ସେ ଗ୍ରାମର ପ୍ରହଲ୍ଲାଦ ନାଟକର ରଜୋ ହିରଣ୍ୟକଶ୍ୟପ ଭୂମିକାରେ ଅଭିନୟ କରୁଥିଲେ । ତେଣୁ ସୀମାଞ୍ଚଳ ପିଲାଟି ଦିନରୁ ପିତାଙ୍କୁ ଅନୁସରଣ କରି ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥିବା ଦେଖି ପିତା ତାଙ୍କୁ ନାଟକର ସୂତ୍ରଧର ଗୀତ ଅଭ୍ୟାସ କରାଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ନିର୍ଦ୍ଦେଶନାରେ ସେ ରଜାନାଟ ଓ ପ୍ରହଲ୍ଲାଦ ନାଟକରେ ପ୍ରହଲ୍ଲାଦ ଭୂମିକାରେ ଉଚ୍ଚ କୋଟୀର ଅଭିନୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ । ପିତାଙ୍କ ଦେହାନ୍ତ ପରେ ସେ ପ୍ରହଲ୍ଲାଦ ନାଟକର ଗୁରୁ ତ୍ରିନାଥ ପ୍ରଧାନ ଏବଂ ଲକ୍ଷ୍ମଣ ଶତପଥୀଙ୍କ ନିକଟରେ ଦୀର୍ଘ ୨୦ ବର୍ଷ ନୃତ୍ୟାଭିନୟର ବିଭିନ୍ନ ଶୈଳୀ, ରାଜ, ରସ, ଲୟ, ଠାଣି, ସଂଳାପ, ନୃତ୍ୟ ଭଙ୍ଗୀ ପ୍ରଭୃତି ଶିକ୍ଷା ଗ୍ରହଣ କରି ପରବର୍ତ୍ତୀ ସୟରେ ହିରଣ୍ୟକଶ୍ୟପ ରାଜା ଭୂମିକାରେ ଅଭିନୟ କରିଆସୁଥିଲେ । ତାଙ୍କୁ ସମଗ୍ର ଅଞ୍ଚଳରେ ରଜା ସୀମାଞ୍ଚଳ ବୋଲି ଲୋକେ ଡାକୁଥିଲେ । ୧୯୯୦ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ରାଜା ନାଟକରେ ତାଙ୍କ ପ୍ରଚଣ୍ଡ ପ୍ରତିଭା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ୧୯୯୭ରେ ଲୋକନାଟ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ବ୍ରହ୍ମପୁର ସ୍ଥିତ ଉତ୍କଳ ଆଶ୍ରମର ଶତବାର୍ଷିକୀ ସମାରୋହରେ ତାଙ୍କୁ ସମ୍ମାନୀତ କରାଯାଇଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା କାରଣରୁ ସେ ଉପସ୍ଥିତ ହୋଇପାରିନଥିଲେ । ତାଙ୍କୁ ପୁଣି ଥରେ ଦିଗପହଣ୍ଡି ଠାରେ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କବିସୂର୍ଯ୍ୟ ଜୟନ୍ତୀ ମହୋତ୍ସବରେ ସମ୍ମାନ ପତ୍ରଟ ଅତିଥିବୃନ୍ଦ ପ୍ରଦାନ କରିଥିଲେ ।

କ୍ଷମତାର ଅପବ୍ୟବହାର କରି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ଗରାପୁର ଗ୍ରାମର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକଙ୍କୁ ଭେଟି ତାଙ୍କ ଜମିକୁ ମୁଗ ଚାଷ ପାଇଁ ବିଦ୍ୟୁତ୍ ସଂଯୋଗ ନେବାକୁ ବିରୋଧ କରୁଥିବା ପିଏସ୍ଓଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉଠା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟରେ ଟ୍ରାନ୍ସଫରମରରୁ ବିଦ୍ୟୁତ୍ ତାର ସଂଯୋଗ କରାଇ ପ୍ରକଳ୍ପ ଚାଲୁ କରି ଖରିଫ ମୁଗ, ବିରିରେ ପାଣି ମଡାଇବାକୁ ଥିବାବେଳେ ଜିଲ୍ଲାପାଳଙ୍କ ପିଏସ୍ଓ ଭାବେ କାର୍ଯ୍ୟ କରୁଥିବା ଏହାର ପ୍ରତିବାଦ କରି କାର୍ଯ୍ୟ ବନ୍ଦ କରଇଥିଲେ । ତାଙ୍କ ଜମି ବାହାରେ ବିଦ୍ୟୁତ୍ ଖୁଣ୍ଟ ପକାଇ ତାର ସଂଯୋଗ କରିବାପାଇଁ ଚାଷୀମାନେ ବ୍ୟବସ୍ଥା କରିଥିବା ବେଳେ କ୍ଷତାର ଅପ ବ୍ୟବହାର କରି ତାର ପକାଇ ନଦେବା ଫଳରେ ସ୍ଥାନୀୟ ଚାଷୀମାନେ ଚାଷରୁ ବଞ୍ଚିତ ହେଉଛନ୍ତି । ଏ ବିଷୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ତାଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ତହସିଲଦାର ଘଟଣାସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ପଳାତକ ହାର୍ଡକୋର ଡ୍ରଗ୍ ବେପାରୀ ଗିରଫ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଅପରେସନ୍ ପ୍ରହାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପର୍କରେ ଏନ୍‌ଡିପିଏସ୍ ଅପରାଧ (ବ୍ରାଉନ୍ ସୁଗାର ଆଣ୍ଡ ଗଞ୍ଜା) ବିରୋଧରେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ସମୟରେ ଜଗତସିଂହପୁର ପୋଲିସ ଏକ ପଳାତକ ହାର୍ଡକୋର ଡ୍ରଗ୍ ବେପାରୀଙ୍କୁ ଗିରଫ କରିବାରେ ସଫଳତା ହାସଲ କରିଛି । ଜଗତସିଂହପୁର ଥାନା ଅନ୍ତର୍ଗତ ଓହଳ ଗ୍ରାମର କାମରୁଦ୍ଦିନଙ୍କ ପୁଅ ଏସ୍‌କେ ଗୁଲସର ଉଦ୍ଦିନ (୩୫)ଙ୍କ ଠାରୁ ୩୨୩ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଥିବା ସୂଚନା ମିଳିଛି । ଜଗତସିଂହପୁର ପୋଲିସ କେସ୍ ନମ୍ବର ୭୮୫/୨୬ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବ୍ରାଉନ୍ ସୁଗାର ବେପାରୀ ଗୁଲସର ନାମରେ ଜଗତସିଂହପୁର ସମେତ ଅନ୍ୟ ଜିଲ୍ଲାର ଥାନା ମାନଙ୍କରେ ଏକାଧିକ ଅପରାଧିକ ମାମଲା ରହିଥିବା ଜଗତସିଂହପୁର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଅଭିଯୁକ୍ତ ଜଣକ ଏକ ସଂଗଠିତ ଡ୍ରଗ୍ ସିଣ୍ଡିକେଟ୍‌ର ସଦସ୍ୟ, ଯେଉଁଠାରୁ ବ୍ୟବସାୟିକ ପରିମାଣ ୩୨୩ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରାଯାଇଥିଲା । ସେ ବହୁ ସମୟ ଧରି ବାହାରେ ରହୁଥିଲା । ଜଗତସିଂହପୁର ପୋଲିସ ନିର୍ଭରଯୋଗ୍ୟ ଗୁପ୍ତଚର ଇନପୁଟ୍ ଉପରେ କାର୍ଯ୍ୟ କରି ଜଗତସିଂହପୁର ପୋଲିସ୍ ଟିମ୍ ସଫଳତାର ସହ ଅନୁସନ୍ଧାନ କରି ଗୁଲସର ଉଦ୍ଦିନଙ୍କୁ ଗିରଫ କରିଥିଲା । ଉପଯୁକ୍ତ ଆଇନ୍‌ଗତ ପ୍ରକ୍ରିୟା ପରେ ତାଙ୍କୁ କୋର୍ଟକୁ ପଠାଯାଇଛି । ଅଭିଯୁକ୍ତ ଜଣେ ଅଭ୍ୟାସଗତ ବ୍ରାଉନ୍ ସୁଗାର ବିକ୍ରେତା ଏବଂ ଜଗତସିଂହପୁର ଜିଲ୍ଲାରେ ଏକାଧିକ ନାରକୋଟିକ୍ସ ମାମଲାରେ ଜଡିତ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି ।

ବାଲ୍ୟ ବିବାହ ନିବାରଣ ନିମନ୍ତେ ସାଇକେଲ ରାଲି

କେନ୍ଦୁଝର, ନ୍ୟୁଜ୍

୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ବାଲ୍ୟ ବିବାହ ନିବାରଣ ନିମନ୍ତେ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା । ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ । ଅଂଶଗ୍ରହଣକାରୀମାନେ ଲାବଣ୍ୟ ସ୍କୋୟାର ଦେଇ କେନ୍ଦୁଝର ଟାଉନ୍ ଥାନା ଛକ ଅଭିମୁଖେ ସାଇକେଲ ରାଲି କରିଥିଲେ । ରାଲିର ମୁଖ୍ୟ ବିଷୟବସ୍ତୁ ଥିଲା 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ଅଧୀନରେ 'ବାଲ୍ୟବିବାହ ମୁକ୍ତ ଭାରତ' । କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲ୍ଲାପାଳ, ପୋଲିସ ଅଧିକ୍ଷକ, ବନଖଣ୍ଡ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ସଦର ଶିଶୁ ବିକାଶ ଯୋଜନା ଅଧିକାରୀ, ମହିଳା ପର୍ଯ୍ୟବେକ୍ଷକ, ଅଙ୍ଗନୱାଡି କର୍ମୀ, କେନ୍ଦୁଝର ଜିଲ୍ଲାର ଡିପିସି ମମତା ଏବଂ ଡିଏଚ୍‌ଇଡବ୍ଲୁର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ସମ୍ମାନିତ ବ୍ୟକ୍ତିମାନେ ବାଲ୍ୟବିବାହ ବନ୍ଦ କରିବା ପାଇଁ ବାର୍ତ୍ତା ଦେଇଥିଲେ ଏବଂ ସଚେତନତା ପ୍ରଦାନ କରିଥିଲେ ।

ଶ୍ରୀ ଦଧିବାମନ ଜୀଉଙ୍କ ନବ କଳେବର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧିନ ଆଗ୍ରାହାଟ ଗ୍ରାମସ୍ଥିତ ଶ୍ରୀ ଦଧିବାମନ ଜିଉଙ୍କ ନବନିର୍ମିତ ଦାରୁ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ରବିବାର ଠାରୁ ଆରମ୍ଭ ହୋଇ ଦୀର୍ଘ ୪ ଦିନ ଧରି ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶୁଭାଧିବାସ, ମଣ୍ଡଳାଦି ପୂଜା, କଳସ ଯାତ୍ରା, ଘଟ ସ୍ଥାପନ, ଜପ, ସ୍ତବ, ସ୍ତୋତ, ବିଷ୍ଣୁ ସହସ୍ର ନାମ ଆଦି ବହୁବିଧ କାର୍ଯ୍ୟକ୍ରମ ରୀତି ନୀତିରେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଦିନ ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମାକୁ ନଗର ସଂକୀର୍ତ୍ତନ, ଘଣ୍ଟଘଣ୍ଟା ଧ୍ୱନୀ ଭିତରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ସ୍ଥାନୀୟ ଉତ୍ତରେଶ୍ୱର ମହାଦେବ ମନ୍ଦିରରେ ହରିହର ଭେଟ କରାଯାଇଥିଲା । ପଞ୍ଚାୟତର ଶତାଧିକ ମହିଳାଙ୍କ ସମେତ ବହୁ ସଂଖ୍ୟକ ଜନସାଧାରଣ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ମହାଯଜ୍ଞରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆହୁତି ପ୍ରଦାନ କରିଥିଲେ । ଶ୍ରୀ ଜିଉଙ୍କ ମନ୍ଦିର ପ୍ରବେଶ ଓ ସିଂହାସନ ଆରୋହଣ କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

ଶ୍ରୀ ବଡ଼ ଗୋପାଳଜୀଙ୍କ ମନ୍ଦିର ବିଜେ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ୪୨ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଶ୍ରୀ ଶ୍ରୀ ବଡ଼ ଗୋପାଳଜୀ ମହାପ୍ରଭୁଙ୍କୁ ରାଜା ବାଟି ସମ୍ମୁଖରେ ଥିବା ନିଜସ୍ୱ ବଡ଼ ଗୋପାଳଜୀ ମନ୍ଦିରକୁ ବିଜେ କରିଛନ୍ତି । ଜିଲ୍ଲା କୋଷାଗାରରୁ ପୂଜା ଆଳତୀ ପରେ ନାମ ସଂକୀର୍ତ୍ତନ କରି ହଜାର ହଜାର ଭକ୍ତଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ସୁବର୍ଣ୍ଣପୁର ସହର ପରିକ୍ରମା କରିଥିଲେ ମହାପ୍ରଭୁ । ଏଇ ମନୋରମ ଦୃଶ୍ୟ ପ୍ରଭୁଙ୍କ ଦର୍ଶନ ଓ ପ୍ରଭୁ କୃପା ଲାଭ ପାଇଁ ମହାପ୍ରଭୁଙ୍କୁ ସହରର ପ୍ରତି ଛକରେ ଭକ୍ତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଆଳତି ସହ ପୂଜା ଅର୍ଚ୍ଚନା ଓ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରାଯାଇ ଭବ୍ୟ ସ୍ୱାଗତ କରାଯାଇଛି । ପ୍ରଭୁଙ୍କୁ ଦର୍ଶନ ପାଇଁ ସହରରେ ପ୍ରବଳ ଭିଡ଼ ଲାଗିରହିଥିଲା । ଶ୍ରୀ ଗୋପାଳଜୀ ମନ୍ଦିର କମିଟିର ମୁଖ୍ୟ ତଥା ପୁରୀ ମହନ୍ତ ବଂଶୀଧର ଦାସ ମହାରାଜ, ସୋନପୁର ଉପଜିଲ୍ଲାପାଳ ଡ଼ ସୌମ୍ୟରୂପା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୋଭାଯାତ୍ରା ସହର ପରିକ୍ରମା କରାଯାଇଥିଲା । ଜିଲ୍ଲା ପୋଲିସ୍ ପ୍ରଶାସନ ପକ୍ଷରୁ ଏସ୍‌ଡିପିଓ ରେଣୁକା ସୁନାଙ୍କ ତତ୍ତ୍ୱାବଧାନ ଓ ସଦର ଥାନା ଅଧିକାରୀ ଯାଦବ ବାଗ ଓ ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ଶୋଭାଯାତ୍ରା ଓ ମନ୍ଦିରର ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲା କୋଷାଗାରରୁ ମହାପ୍ରଭୁ ଶୋଭାଯାତ୍ରାରେ ବାହାରିବା ପରେ ପ୍ରଥମେ ଘୋଡ଼ାଘାଟ ପଡ଼ା କଇଁଥ ତଳ ଛକ ଠାରେ ଶହ ଶହ ମହିଳା ଭକ୍ତଙ୍କ ଦ୍ୱାରା ଆୟୋଜିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପୂଜା ଅର୍ଚ୍ଚନା ଓ ଆଳତୀ ଓ ଭୋଗ ଅର୍ପଣ କରାଯାଇଥିଲା । ପରେ ପରେ ମହାରଣା ପଡା ଛକ, ମଝିପଡ଼ା ରାମଜୀ ମନ୍ଦିର ଛକ, ବିଜୁ ପଟ୍ଟନାୟକ ଛକ, ବଡ଼ ବଗିଚା ଛକ, ନୂଆପଡ଼ା ମେହେର ପଡ଼ା ଛକ, ଦୁର୍ଗା ମଣ୍ଡପ, ରାଧା କୃଷ୍ଣ ମନ୍ଦିର ଛକ, ଗୁଣ୍ଡିଚା ମନ୍ଦିର, ତେନ୍ତୁଳି ଘାଟ ଛକ ଓ ଟିକ୍ରି ପଡା ଛକ ଠାରେ ଶ୍ରୀ ଗୋପାଳଜୀ ମହାପ୍ରଭୁଙ୍କୁ ପୂଜା ଅର୍ଚ୍ଚନା ଓ ଭୋଗ ଅର୍ପଣ କରି ସହରବାସୀ ଦର୍ଶନ ସହ ପ୍ରଭୁ କୃପା ଲାଭ କରିଥିଲେ । ଶ୍ରୀ ଗୋପାଳଜୀଙ୍କ ମନ୍ଦିର ନିକଟସ୍ଥ ଗଡଭିତର ଠାରେ ପହଞ୍ଚିବା ପରେ ପ୍ରତି ଘର ଆଗରେ ପ୍ରଭୁଙ୍କୁ ପୂଜା କରାଯାଇ ହରିବୋଲ ହୁଳହୁଳି ସହ ମହାପ୍ରଭୁଙ୍କୁ ସ୍ୱାଗତ କରି ପ୍ରଭୁଙ୍କୁ ମନ୍ଦିର ବିଜେ କରାଇଥିଲେ । ମହାପ୍ରଭୁଙ୍କ ଏ ଅପୂର୍ବ ଓ ଦୁର୍ଲଭ ବେଶ ଦୃଶ୍ୟକୁ ସହରବାସୀ ଦର୍ଶନ ଲାଭ କରି ସୌଭାଗ୍ୟ ଅର୍ଜନ କରିଛନ୍ତି । ସନ୍ଧ୍ୟା ଠାରୁ ପୁଣି ପ୍ରଭୁଙ୍କ ମନ୍ଦିରରେ ଭକ୍ତଙ୍କ ଖୁବ୍ ଭିଡ଼ ଲାଗି ରହିଥିବା ବେଳେ ଦୀର୍ଘ ବର୍ଷ ପରେ ସହରବାସୀ ପ୍ରଭୁଙ୍କୁ ଦର୍ଶନ କରି ପାଖରେ ପାଇ ଉତ୍‌ଫୁଲ୍ଲିତ ହୋଇଉଠିଛନ୍ତି । ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଦେବୋତ୍ତର କମିଟି ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠ ଶତପଥୀ, ମନ୍ଦିର କମିଟି ସଦସ୍ୟ ରାମ ମହାପାତ୍ର, ସୀତାରାମ ମିଶ୍ର, ନୀଳକଣ୍ଠ ସାହୁ, ସୂର୍ଯ୍ୟ ପୁଝାରୀ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଦୀପକ ମହାପାତ୍ର, ଗୁରୁ ଦାସ ମିଶ୍ର, (ଲେକୁ) , ଅଜିତ ପୁଝାରୀ, କାମ୍ପାଲ ବାଗ, ଦିବ୍ୟ ଶଙ୍କର ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ମିଶ୍ର, ପ୍ରତୀସ ମିଶ୍ର, ତ୍ରିଲୋଚନ ତରିଆ, ରାଜେଶ ପ୍ରମୁଖଙ୍କ ସହ କମିଟିର ସମସ୍ତ ସଦସ୍ୟ ଓ ସହରର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ କରିଥିଲେ ।

ଚୋରା ମଦ ଜବତ:୪ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ପାଟକୁରା ଓ ନିକିରେଇ ଥାନା । ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଯମରା ଗ୍ରାମର ଭଗବାନ ମଳିକଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଗରାଜଙ୍ଗ ଗ୍ରାମର ପ୍ରତାପ ଚନ୍ଦ୍ର ପରିଡାଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ବରତୁଙ୍ଗ ଗ୍ରାମର ବିଜୟ ବସାଣ୍ଟିଆଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ ଓ ବଳକଟି ଗ୍ରାମର ସୁଶାନ୍ତ ମଳିକଙ୍କ ଠାରୁ ୩୨ ଲିଟର ଦେଶୀ ମଦ ସମେତ ଏକ ଗୋଟି ମୋଟର ସାଇକେଲ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୦୩ ଲିଟର ଦେଶୀ, ବିଦେଶୀମଦ ଜବତ କରାଯାଇ ୦୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

ଭୌମ୍ୟ ଏକାଦଶୀ ପାଇଁ ଚଳଚଞ୍ଚଳ ବ୍ୟାସ ସରୋବର ମେଳା

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଗୁରୁବାର ଭୌମ୍ୟ ଏକାଦଶୀ ତିଥି ପଡିଥିବାରୁ ବ୍ୟାସ ସରୋବର ଚଳଚଞ୍ଚଳ ହୋଇପଡିଥିଲା । ଆଦିମ କାଳରୁ ଏହି ପୀଠରେ ଭୌମ୍ୟ ଏକାଦଶୀ ପରିପେକ୍ଷୀରେ ବ୍ୟାସ ସରୋବର ମେଳା ଆରମ୍ଭ ହୋଇଆସୁଛି । ଏହି ପୀଠ ବ୍ୟାସଦେବ ଓ ରାଘୁଜି ଗୋସାଇଙ୍କ ପୂଜା ଅର୍ଚ୍ଚନା କରାଯାଏ । ଏହି ପୀଠରେ ଏକାଦଶୀ ବ୍ରତ ପାଳନ କରିଥାନ୍ତି । ପୀଠରେ ଥିବା ଗୁପ୍ତ ଗଙ୍ଗାରୁ ପାଣି ଛିଞ୍ଚନ କରି ରାଘୁଜି ଗୋସାଇଙ୍କ ଦର୍ଶନ କରିଥାନ୍ତି । ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥାଏ । ପୌରପରିଷଦ ପକ୍ଷରୁ ବ୍ୟାସ ମହୋତ୍ସବ ହେବ । ଏହି ପରିପେକ୍ଷୀରେ ସହରର ଭାଇଚାରା ରକ୍ଷା କରିବା ପାଇଁ ଏକ ଗଣ ଦୌଡ ସକାଳ ୭ଟାରେ ହୋଇଥିଲା । ଏହି ଗଣ ଦୌଡରେ ଯାଜପୁର ରୋଡ଼ ଥାନାଧିକାରୀ ଆସିସ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ତେବେ ଉକ୍ତ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ସୁବାସ ବଳ, ପୌର ନିର୍ବାହୀ ଅଧିକାରୀ ପ୍ରଦୀପ ପାଢ଼ୀଙ୍କ ସମେତ କାଉନସିଲର ଯୋଗଦେଇଥିଲେ । ଏହି ଗଣ ଦୌଡ ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ବ୍ୟାସ ସରୋବରରେ ପହଞ୍ଚିଥିଲା । ତେବେ ଗଣ ଦୌଡରେ ବିଭିନ୍ନ ଅଞ୍ଚଳର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍‌ମାନେ ଯୋଗଦେଇଥିଲେ । ତେବେ ସକାଳେ ବ୍ୟାସ ମାରାଥନ ଶୁଭାରମ୍ଭ ହେ

32 YEARS
ସମୟ କଳିକା
ଭୁବନେଶ୍ୱର, ୦୧ ଫେବୃୟାରୀ, ରବିବାର, ୨୦୨୬
ପୃଷ୍ଠା – ୬

ଟି-ଟ୍ୱେଣ୍ଟି ବିଶ୍ୱକପ ପାଇଁ ୧୫ ଜଣିଆ ସ୍କ୍ୱାଡ୍ ଘୋଷଣା କଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ

ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପାଇଁ କ୍ରିକେଟ୍ ଅଷ୍ଟ୍ରେଲିଆ ତା'ର ଚୂଡ଼ାନ୍ତ ୧୫ ଜଣିଆ ଦଳ ଘୋଷଣା କରିଛି । ଏଥିରେ କିଛି ବଡ଼ ନିଷ୍ପତ୍ତି ନିଆଯାଇଛି । ପିଠି ସମସ୍ୟା ଯୋଗୁଁ ପ୍ୟାଟ୍ କମିନ୍ସ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି । ଷ୍ଟିଭ୍ ସ୍ମିଥ୍ ମଧ୍ୟ ଦଳରେ ସ୍ଥାନ ପାଇ ନାହାନ୍ତି । ମିଚେଲ ମାର୍ଶଙ୍କୁ ଦଳର ନେତୃତ୍ୱ ଦିଆଯାଇଛି । ମାଥ୍ୟୁ ସର୍ଟଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି । ବିଶ୍ୱକପ୍ ପାଇଁ ମ୍ୟାଟ୍ ରେନଶା ତାଙ୍କ ସ୍ଥାନରେ ଖେଳିବେ । ଜୋଶ୍ ହାଜେଲଉଡ୍, ଟିମ୍ ଡେଭିଡ୍ ଏବଂ ନାଥନ୍ ଏଲିସ୍ ବିଶ୍ୱକପ୍ ଫିଟନେସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ମାଂସପେଶୀ ସମସ୍ୟା ଯୋଗୁଁ ପୂର୍ବରୁ ହାଜେଲଉଡ୍ ଆଶେସ୍ ସିରିଜରୁ ବାଦ୍ ପଡ଼ିଥିଲେ । ଡେଭିଡ୍ ମଧ୍ୟ ସମାନ ସମସ୍ୟା ଯୋଗୁଁ ବିବିଏଲ ଖେଳିପାରି ନଥିଲେ, ଏବଂ ସେ ପାକିସ୍ତାନ ବିପକ୍ଷରେ ଚାଲିଥିବା ଟି-ଟ୍ୱେଣ୍ଟି ସିରିଜ ବି ଖେଳି ନଥିଲେ ।

କମିନ୍ସ ପ୍ରଥମ ସ୍ଥାନ ପାଇଥିଲେ- କମିନ୍ସଙ୍କୁ ପୂର୍ବରୁ ୧୫ ଜଣିଆ ଅସ୍ଥାୟୀ ଦଳରେ ସାମିଲ କରାଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସେ ପ୍ରାରମ୍ଭିକ ମ୍ୟାଚ୍ ଖେଳିବେ ନାହିଁ କିନ୍ତୁ ପରେ ଖେଳିବେ । ଏବେ ଏହା ସ୍ପଷ୍ଟ ହୋଇଯାଇଛି ଯେ, ସେ ବିଶ୍ୱକପ୍ ଖେଳିବେ ନାହିଁ । ଆଶେସ୍ ସିରିଜ୍ ସମୟରେ ସେ ଆହତ ହୋଇଥିଲେ ଏବଂ ଡିସେମ୍ବରରେ ଆଡିଲେଡ୍‌ରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ବେନ୍ ଦ୍ୱାରଶୁଇସ୍‌ଙ୍କୁ ଦଳରେ ସାମିଲ କରାଯାଇଛି । ସେ ଅସ୍ଥାୟୀ ଦଳରେ ନଥିଲେ । ଏହି ବାମହାତୀ ବୋଲରଙ୍କ ଯୋଗ ଦଳରେ ପରିବର୍ତ୍ତନ ଆସିବ । ଖରାପ ଫର୍ମ ଯୋଗୁଁ ସର୍ଟଙ୍କୁ ବାଦ ଦିଆଯାଇଛି । ରେନଶଙ୍କୁ ତାଙ୍କର ଉତ୍କୃଷ୍ଟ ସ୍ପିନ୍ ବୋଲିଂ ଏବଂ ବାମହାତୀ ବ୍ୟାଟିଂ ଯୋଗୁଁ ପସନ୍ଦ କରାଯାଇଛି ।

କମିନ୍ସଙ୍କୁ ଅଧିକ ସମୟ ଦରକାର- କ୍ରିକେଟ୍ ଅଷ୍ଟ୍ରେଲିଆ ଚୟନକର୍ତ୍ତା ଟୋନି ଡୋଡେମେଡ୍ କହିଛନ୍ତି ଯେ, କମିନ୍ସଙ୍କୁ ପୂର୍ଣ୍ଣ ଫିଟନେସ୍ ଫେରିବା ପାଇଁ ଅଧିକ ସମୟ ଆବଶ୍ୟକ । ସେ କହିଛନ୍ତି, 'ପ୍ୟାଟ୍ କମିନ୍ସଙ୍କ ପିଠି ଆଘାତରୁ ସୁସ୍ଥ ହେବା ପାଇଁ ଅଧିକ ସମୟ ଆବଶ୍ୟକ । ବେନ୍ ତାଙ୍କ ସ୍ଥାନ ନେବାକୁ ପ୍ରସ୍ତୁତ । ସେ ଜଣେ ବାମହାତୀ ଦ୍ରୁତ ବୋଲର ଏବଂ ଜଣେ ଚମତ୍କାର କ୍ଷେତ୍ରରକ୍ଷକ ଏବଂ ଜଣେ ଶକ୍ତିଶାଳୀ ବ୍ୟାଟ୍‌ମ୍ୟାନ ।' ରେନସଙ୍କ ବିଷୟରେ ସେ କହିଛନ୍ତି, 'ମ୍ୟାଟ୍ ସମସ୍ତ ଫର୍ମାଟରେ ପ୍ରଭାବିତ କରିଛନ୍ତି ।'

୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳ- ମିଚେଲ ମାର୍ଶ (ଅଧିନାୟକ), ଜାଭିୟର ବାର୍ଟଲେଟ୍, କୁପର କନେଲି, ଟିମ୍ ଡେଭିଡ୍, ବେନ୍ ଦ୍ୱାରଶୁଇସ୍, କ୍ୟାମରେନ୍ ଗ୍ରୀନ୍, ନାଥନ୍ ଏଲିସ୍, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗଲିସ୍, ମ୍ୟାଟ୍ କୁହ୍ନେମାନ, ଗ୍ଲେନ୍ ମ୍ୟାକ୍ସୱେଲ୍, ମ୍ୟାଟ୍ ରେନଶା, ମାର୍କସ୍ ଷ୍ଟୋଇନିସ୍, ଆଇଡେନ୍ ଜାମ୍ପା ।

ଅନ୍ତିମ ଟି-୨୦: ନ୍ୟୁଜିଲାଣ୍ଡକୁ ୪୬ ରନରେ ହରାଇଲା ଭାରତ

ତିରୁବନ୍ତପୁରମ

ଶେଷ ଟି-୨୦ରେ ଜିତିଲା ଭାରତ । ନ୍ୟୁଜିଲାଣ୍ଡକୁ ୪୬ ରନରେ ହରାଇଲା ଟିମ୍ ଇଣ୍ଡିଆ । ପ୍ରଥମେ ବ୍ୟାଟିଂ କରି ଭାରତ ୨୭୨ ରନର ଲକ୍ଷ୍ୟ ଦେଇଥିଲା । ତେବେ ନ୍ୟୁଜିଲାଣ୍ଡ ୨୨୫ ରନରେ ଅଲଆଉଟ୍ ହୋଇଛି । ପ୍ରଥମରୁ ଭାରତୀୟ ବୋଲରଙ୍କୁ ଧୁଲେଇ କରିଥିଲେ ଫିଲ୍ ଆଲେନ୍ । ମାତ୍ର ସେ ଆଉଟ୍ ହେବା ପରେ ଦଳ ଏହି ବିଶାଳ ସ୍କୋରକୁ ପିଛା କରିବାକୁ ଯାଇ ୧୯.୪ ବଲରେ ଅଲଆଉଟ୍ ହୋଇଛି । ଭାରତ ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜକୁ ୪-୧ରେ ଜିତି ନେଇଛି ।

ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା । ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୨୭୧ ରନ୍ କରିଥି ଭାରତ ପକ୍ଷରୁ ପ୍ରଥମରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ ଅଭିଶେକ ଶର୍ମା । ସେ ୧୬ ବଲରୁ ୩୦ ରନ କରିଥିବାବେଳେ ଇଶାନ କିଶାନ ଶତକୀୟ ପାଳି ଖେଳିଛନ୍ତି । ସେ ୪୩ ବଲରୁ ୧୦୩ ରନ କରିଛନ୍ତି । ଯେଉଁଥିରେ ୬ ଚୌକା ସହ ୧୦ ଛକା ରହିଛି । ସେପଟେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୦ ବଲରୁ ୬୩ ରନ କରିଛନ୍ତି । ଶେଷ ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଦମଦାର ପାଳି ଖେଳିଛନ୍ତି । ସେ ୧୭ ବଲରେ ୪୨ ରନ କରିଛନ୍ତି । ସେ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ । ଅନ୍ତିମ ଟି-୨୦ରେ ମଧ୍ୟ ଫ୍ଲପ ହୋଇଛନ୍ତି ସଞ୍ଜୁ ସାମସନ । ସେ ମାତ୍ର ୬ ରନ୍ କରିଛନ୍ତି । ଟି-୨୦ ବିଶ୍ୱକପ ପୂର୍ବରୁ ଏଭଳି ପ୍ରଦର୍ଶନ ତାଙ୍କ ଉପରେ ପ୍ରଭାବ ପକାଇଛି ନିଶ୍ଚୟ ।

ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍‌କୁ ଫେରିବେ ତିଲକ ବର୍ମା

ନୂଆଦିଲ୍ଲୀ

୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳକୁ ଭଲ ଖବର ମିଳିଛି । ଆଘାତରୁ ଫେରି ଆସୁଥିବା ମଧ୍ୟକ୍ରମ ବ୍ୟାଟ୍‌ମ୍ୟାନ ତିଲକ ବର୍ମାଙ୍କ ବିଷୟରେ ଏକ ଅପଡେଟ ଆସିଛି । ସେ ବେଙ୍ଗାଲୁରୁର ବିସିସିଆଇର ସେଣ୍ଟର ଅଫ ଏକ୍ସଲେନ୍ସରେ ଖୁବ୍ ଅଭ୍ୟାସ କରୁଛନ୍ତି । ଏକ ସାମ୍ପ୍ରତିକ ଭାଇରାଲ ଭିଡିଓରେ, ତିଲକ ଦ୍ରୁତ ବୋଲର ମୟଙ୍କ ଯାଦବଙ୍କ ପୂର୍ଣ୍ଣ ଗତିର ସାମ୍ନା କରି ନେଟ୍‌ରେ ଦୀର୍ଘ ସମୟ ଧରି ବ୍ୟାଟିଂ କରୁଥିବାର ଦେଖାଯାଇଛି ।

ଏହି ମାସ ଆରମ୍ଭରେ ପେଟ ଅସ୍ତ୍ରୋପଚାର ପରେ ତିଲକ ଫେରିବାକୁ ଚେଷ୍ଟା କରୁଛନ୍ତି, ଯାହା ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଟି୨୦ ସିରିଜରୁ ବାହାର କରିଦେଇଥିଲା । ବିସିସିଆଇ ଅନୁଯାୟୀ, ତିଲକ ଫେବୃଆରୀ ୩ ରେ ମୁମ୍ବାଇରେ ଭାରତୀୟ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି । ବିଶ୍ୱକପ ପୂର୍ବରୁ, ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଅଭ୍ୟାସ

ମ୍ୟାଚ ଖେଳିବ ।

ଏହି ମ୍ୟାଚ ଫେବୃଆରୀ ୪ରେ ନଭି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ ସ୍ପୋର୍ଟସ ଏକାଡେମୀରେ ଖେଳାଯିବ । ରିପୋର୍ଟ ଅନୁଯାୟୀ, ମୟଙ୍କ ଯାଦବ ଏବଂ ରିୟାନ ପରାଗ ମଧ୍ୟ ଫିଟନେସ କ୍ୟୁରାନ୍ସର ଦ୍ୱାରଦେଶରେ ଅଛନ୍ତି । ବିଶ୍ୱକପ ପାଇଁ ଭାରତୀୟ ଦଳରେ ତିଲକ ବର୍ମାଙ୍କ ଉପସ୍ଥିତି ଅତ୍ୟନ୍ତ ଜରୁରୀ । ସେ ବଡ଼ ମ୍ୟାଚ୍‌ରେ ଭାରତକୁ ବିଜୟୀ କରାଇପାରିବେ । ସେ ୨୦୨୫ ଏସିଆ କପ ଫାଇନାଲରେ ପାକିସ୍ତାନ ବିପକ୍ଷରେ ଅପରାଜିତ ୬୯ ରନ କରିଥିଲେ । ଭାରତ ସେମାନଙ୍କର ଟି୨୦ ବିଶ୍ୱକପ ଟାଇଟଲ ରକ୍ଷା କରିବାକୁ ଚେଷ୍ଟା କରୁଥିବା ବେଳେ ତିଲକ ଜଣେ ମ୍ୟାଚ୍ ବିଜେତା ପ୍ରମାଣିତ ହୋଇପାରନ୍ତି ।

୩ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଡିଆରଆଇ କାରାଖେଣ୍ଡ୍ରା ଚାମ୍ପିଅନ

ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ

ବଡ଼ବିଲ ସ୍ଥିତ ସ୍ଥାନୀୟ ଖେଳ ପଡ଼ିଆରେ ଗତ ୨୮ ତାରିଖରୁ ତିନିଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଶହ ଶହ ଦର୍ଶକ ମଧ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ରୋମଞ୍ଚକପୂର୍ଣ୍ଣ ହୋଇଥିଲା । ରୁଙ୍ଗଟା ମାଇନ୍ସ ଲିମିଟେଡ୍ ପ୍ଲାଣ୍ଟ ଡିଭିଜନ ଅନୁକୂଳ୍ୟରେ ଏହି ଟୁର୍ଣ୍ଣାମେଣ୍ଟରେ କମଣ୍ଡା, କାରାକୋଲ୍ଲା, କାରାଖେଣ୍ଡ୍ରା ଓ ବଡ଼ବିଲ ଅଫିସର କର୍ମଚାରୀ ତରଫରୁ ୧୦ ଗୋଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାର ସମସ୍ତ ଲିଗ୍ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ସିପିପି କାରାକୋଲ୍ଲା ଏବଂ ଡିଆରଆଇ କାରାଖେଣ୍ଡ୍ରା ଫାଇନାଲରେ ଖେଳିବା ପାଇ ଉତ୍ତୀର୍ଣ୍ଣ ହୋଇଥିଲେ । ଶେଷରେ ଡିଆରଆଇ କାରାଖେଣ୍ଡା ଦଳ ଚମ୍ପିୟାନ ହୋଇଥିବା ବେଳେ ସିପିପି କାରାକୋଲ୍ଲା ଦଳ ରନର୍ସଅପ୍ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ କାରାକୋଲ୍ଲା ଓ କାରାଖେଣ୍ଡ୍ରା ଷ୍ଟିଲ ପ୍ଲାଣ୍ଟର ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ପ୍ରବନ୍ଧକ ଶୈଳେନ୍ଦ୍ର କୁମାର ବାରିକ, ପ୍ରବନ୍ଧକ କଲ୍ୟାଣ କମଳ ଭୂୟାଁ, ତୁଷାର ସାହୁ, କୁନାଲ ଜେନା, ରାଜେଶ କନର, ସୋମେଶ ଦାସ ତଥା କାରଖାନାର ମାନବ ସମ୍ବଳ ପ୍ରବନ୍ଧକ ସି.ଏସ. ମିଶ୍ର ଏବଂ ସରୋଜ ମହାପାତ୍ର, ସମାଜସେବୀ ଲଛମନ ମହାନ୍ତଙ୍କ ସହଯୋଗରେ ଖେଳ ପରିଚାଳନା କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସରେ ଅତିଥିଙ୍କ ଉପସ୍ଥିତିରେ ବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । ରୁଙ୍ଗଟା ମାଇନ୍ସ ଲିମିଟେଡ ପ୍ଲାଣ୍ଟ ଡିଭିଜନ ନିର୍ଦ୍ଦେଶକ ପ୍ରଣୟ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୁଚାରୁରୂପେ ପରିଚାଳନା କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ କର୍ମଚାରୀ ଗହଣରେ ତାଙ୍କୁ ସାଧୁବାଦ ଜଣାଇଥିଲେ ।

ପି.ଏମ୍.ଶ୍ରୀ ବି.ବି.ସରକାରୀ ହାଇସ୍କୁଲ, ଢେଙ୍କାନାଳରେ ଦ୍ୱି ଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଢେଙ୍କାନାଳ, ନ୍ୟୁଜ୍‌ବ୍ୟୁରୋ

ସ୍ଥାନୀୟ ଶତାୟୁ, ପି.ଏମ୍.ଶ୍ରୀ. ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ କ୍ରୀଡ଼ାଙ୍ଗନରେ ଥିବା ସଭାମଞ୍ଚରେ ଅପରାହ୍ନ ୦୩ଟାରେ ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷାଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଳେଇ ମାର୍ଗଦର୍ଶନ, ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସ୍ମୃତିସୁଧା ଜେନାଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ, ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ରଙ୍କ ବଳିଷ୍ଠ ସଂଯୋଜନାରେ, ବରିଷ୍ଠ ଶିକ୍ଷୟିତ୍ରୀ ତଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ -୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷାଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଳେଇ ମୁଖ୍ୟଅତିଥି ଭାବରେ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ନଳିନୀ ଦାସ, ସମ୍ପାଦକ, ଜିଲ୍ଲା କ୍ରୀଡ଼ା ସଂଘ, ଢେଙ୍କାନାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ବରିଷ୍ଠ ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଓ ରାଷ୍ଟ୍ରପତି ସ୍କାଉଟ୍, ରାଜ୍ୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ଡା.

ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଉଦ୍‌ଯାପନୀ ଉତ୍ସବରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଶାରୀରିକ ଶିକ୍ଷା ଶିକ୍ଷକ ସନ୍ତୋଷ କୁମାର ପରିଡ଼ା, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ପ୍ରାକ୍ତନ ଶିକ୍ଷକ ସୁରେଶ କୁମାର ପଣ୍ଡା, ସୁଭାଷ କୁମାର ନନ୍ଦ, ପ୍ରାକ୍ତନ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ଓ ରାଷ୍ଟ୍ରପତି ସ୍କାଉଟ୍ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଅପରାହ୍ନରେ ଏହି ଉପଲକ୍ଷେ ଛାତ୍ରୀ, ଛାତ୍ରମାନଙ୍କ ଦ୍ୱାରା ବର୍ଣ୍ଣାଢ଼୍ୟ ଜମ୍ବଲ୍ ମାର୍ଚ୍ଚପାଷ୍ଟ୍ ଶୋଭାଯାତ୍ରା ଓ କ୍ରୀଡ଼ା ପତାକା ଅବତରଣ କରାଯାଇ ମୁଖ୍ୟଅତିଥିଙ୍କ ଦ୍ୱାରା କ୍ରୀଡ଼ା ଉତ୍ସବର ଉଦ୍‌ଯାପନ ଘୋଷଣା କରାଯାଇଥିଲା । ମଞ୍ଚାସୀନ ଅତିଥି ବୃନ୍ଦ ସ୍ୱୀୟ ସ୍ୱୀୟ ଅଭିଭାଷଣରେ ବିଭିନ୍ନ ପ୍ରକାର କ୍ରୀଡ଼ାର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କ୍ରୀଡ଼ା ଶିକ୍ଷା ଓ ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପଗୁଡ଼ିକ ମାଧ୍ୟମରେ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ଆଦି ମହନୀୟ ମାନବୀୟ ଗୁଣଗୁଡ଼ିକୁ ବିକଶିତ କରିବା ପାଇଁ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ସଙ୍ଗେ ସଙ୍ଗେ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ହୋଇ ପାରିବ ବୋଲି ଦୃଢ଼ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ପ୍ରଥମଦିନ ସବ୍ ଜୁନିୟର, ଜୁନିୟର୍ ଓ ସିନିୟର୍ ବାଳିକା ଓ ବାଳକ ଆଦି ବିଭିନ୍ନ ବର୍ଗର ୧୦୦ମି,୨୦୦ମି, ୪୦୦ମି ଆଦି ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟ୍‌ପୁଟ୍ ଓ ଡିସ୍‌କସ୍ ଥ୍ରୋ, ସର୍ବକନିଷ୍ଠ ଛାତ୍ରୀ, ଛାତ୍ରମାନଙ୍କ ପାଇଁ ମଧ୍ୟ ଛୁଞ୍ଚି ସୂତା ଓ ବାଟି ଚାମଚ୍, ୫୦ମି ଓ ଗଣିତ ଦୌଡ଼ ଭଳି ଅନେକ ଆକର୍ଷଣୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଓ ଉତ୍ସବ ସମୟରେ ଛାତ୍ରୀ, ଛାତ୍ରମାନଙ୍କ ଦ୍ୱାରା ଡମ୍ ବେଲ୍ ନୃତ୍ୟ, ପମ୍ ପମ୍ ଡ୍ରିଲ୍ ଓ ଯୋଗାସନ ଭଳି ଅନେକ ଚିତ୍ତାକର୍ଷକ ବର୍ଣ୍ଣାଢ଼୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ସମସ୍ତ ଦର୍ଶକମଣ୍ଡଳୀ ଦ୍ୱାରା ବେଶ୍ ଉପଭୋଗ୍ୟ ହୋଇପାରିଥିଲା । ବିଭିନ୍ନ ପ୍ରତିଯୋଗିତାର ସମସ୍ତ କୃତୀ ଛାତ୍ରୀ, ଛାତ୍ରମାନଙ୍କ ସମେତ କନିଷ୍ଠ ବାଳିକା ବିଭାଗରେ ସପ୍ତମ ଶ୍ରେଣୀର ଛାତ୍ରୀ ଅଂଶୁପ୍ରଭା ଷେଣ୍ଠ, କନିଷ୍ଠ ବାଳକ ବିଭାଗରେ ସପ୍ତମ ବିପ୍ରାଂଶୁ କୁମାର ସାହୁ ଓ ଦିବ୍ୟ ସାଗର ଜେନା, ବରିଷ୍ଠ ବାଳିକା ବିଭାଗରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ସିଦ୍ଧିଶ୍ରୀୟା ସାମଲ, ବରିଷ୍ଠ ବାଳକ ବିଭାଗରେ ବିଭାଗରେ ନବମ ଶ୍ରେଣୀର ଛାତ୍ର ସ୍ୱୟଂ ଅନିମେଶ ମାଝୀ ଯଥାକ୍ରମେ ଚାମ୍ପିଅନ୍ ହୋଇ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଠାରୁ ପର୍ଯ୍ୟାୟ କ୍ରମେ ପ୍ରଶଂସାପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ । ଉଭୟ ସଭା ପ୍ରାରମ୍ଭରେ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତ ଅତିଥି ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ପୁଷ୍ପ, ଧୂପ, ପ୍ରଦୀପ ପ୍ରଜ୍ୱଳନ କରାଯିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡଃ ଅନୁପମା ମିଶ୍ର ସୁଲଳିତ ସୁମଧୁର କଣ୍ଠରେ ମଙ୍ଗଳାଚରଣ ଗାନ, କାର୍ଯ୍ୟକ୍ରମର ଅନ୍ତିମ ଭାଗରେ ଶାନ୍ତି ପାଠ କାର୍ଯ୍ୟକ୍ରମ ସଂଯୋଜିକା ଭାବରେ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ, କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ ଓ ସଫଳ ଭାବରେ ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ମଧ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟା, ସଦସ୍ୟ ବୃନ୍ଦ, ବିଭିନ୍ନ ବିଦ୍ୟାଳୟରୁ ଓ ଅବସର ପ୍ରାପ୍ତ ସନ୍ତୋଷ କୁମାର ପରିଡ଼ା, ବୋନସନ ବରାଳ ଓ ବିପିଏଡ୍ ପ୍ରଶିକ୍ଷାର୍ଥୀ ଗୁରୁଛାତ୍ର ସୁଜିତ ନାୟକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ ବରିଷ୍ଠ ହିନ୍ଦୀ ଶିକ୍ଷକ ତଥା ପ୍ରାକ୍ତନ ସମର ଶିକ୍ଷାର୍ଥୀ ସ୍ଥଳବାହିନୀ ଅଫିସର୍ ବିଚାରକ କିଶୋର ଚନ୍ଦ୍ର ସାମଲ, ସଂସ୍କୃତ ଶିକ୍ଷକ ତଥା ସମର ଶିକ୍ଷାର୍ଥୀ ସ୍ଥଳବାହିନୀ ଥାର୍ଡ ଅଫିସର୍ ଦିପ୍ତିଶ୍ କୁମାର ଶତପଥୀ ପ୍ରମୁଖ ଆସିଥିବା ଶିକ୍ଷାର୍ଥୀମାନଙ୍କ ମାତା, ପିତା ତଥା ଅଭିଭାବିକା, ଅଭିଭାବକ ବୃନ୍ଦ, ଆଲୁମିନି ସଦସ୍ୟା,ସଦସ୍ୟ ବୃନ୍ଦ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀବୃନ୍ଦ ଓ ସର୍ବୋପରି ଅଂଶଗ୍ରହକାରୀ ଏନ୍ ସିସି, ସ୍କାଉଟ୍ ଓ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ଛାତ୍ରୀ, ଛାତ୍ରବୃନ୍ଦଙ୍କ ମିଳିତ ପ୍ରେଚେଷ୍ଟା ତଥା ସହଯୋଗିତାରେ କାର୍ଯ୍ୟକ

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର,୧ ଫେବୃୟାରୀ ୨୦୨୬ ସୋମବାର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଓଡ଼ିଶାରେ ନିର୍ମାଣ...

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଢେଙ୍କାନାଳର ଗଜମରା ଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ଆଉ ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ-ଉତ୍ପାଦନ କମ୍ପ୍ଲେକ୍ସକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । କଲ୍ୟାଣୀ ଷ୍ଟିଲର ସ୍ୱତନ୍ତ୍ର ଇସ୍ପାତ ପ୍ରକଳ୍ପ ବ୍ୟତୀତ, ନୂତନ ସମନ୍ୱିତ କମ୍ପ୍ଲେକ୍ସରେ ସାରଲୋହା ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ ପ୍ରାଇଭେଟ୍ ଲିମିଟେଡର ସୁମର ଆଲୟ ପ୍ରକଳ୍ପ ଏବଂ ଭାରତ ଫୋର୍ଜର ଶିଳ୍ପ କମ୍ପୋନେଣ୍ଟସ୍ କାଷ୍ଟିଂ ଏବଂ ଫୋଜିଂ ୟୁନିଟ୍ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ ପ୍ରାୟ ୧,୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ପ୍ରସ୍ତାବିତ କମ୍ପ୍ଲେକ୍ସକୁ ଏଳ ସମନ୍ୱିତ କ୍ଲଷ୍ଟର ଭାବରେ ପରିକଳ୍ପନା କରାଯାଇଛି ଯେଉଁଥିରେ ଟାଇଟାନିୟମ୍, ସ୍ପେଶାଲିଟି ଷ୍ଟିଲ୍, ଅଟୋ କମ୍ପାନେଣ୍ଟ, ଏବଂ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନରେ ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ନିର୍ମାଣ ପାଇଁ ପ୍ରକଳ୍ପିତ ବିକ୍ରେତା ପାର୍କ ସହିତ ବହୁବିଧ ଉତ୍ପାଦନ ୟୁନିଟ୍ ଅନ୍ତର୍ଭୁକ୍ତ ରହିଛି ।

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଶାକୁ କଞ୍ଚାମାଲର ଯୋଗାଣକାରୀରୁ ଉଚ୍ଚ-ମୂଲ୍ୟ, ପ୍ରଯୁକ୍ତିବିଦ୍ୟା-ବୁଦ୍ଧି ଏବଂ ରପ୍ତାନି-ଯୋଗ୍ୟ ସାମଗ୍ରୀ ଉତ୍ପାଦନ ହେବାରେ ସହାୟକ ହେବା, ସ୍ଥାନୀୟତା ଧାରଣାକୁ ସୁଦୃଢ଼ କରିବା ଏବଂ ନୂତନ ଯୁଗର ଶିଳ୍ପ କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ।

ଏହି ସମନ୍ୱିତ କମ୍ପ୍ଲେକ୍ସ ପ୍ରଳଳ୍ପଗୁଡ଼ିକର ମୋଟ ନିବେଶ ପ୍ରାୟ ୧୭,୨୫୦ କୋଟି ବୋଲି ପ୍ରସ୍ତାବିତ ହୋଇଛି ।ପ୍ରକଳ୍ପ ନିର୍ମାଣ ଏବଂ ଉତ୍ପାଦନ କାର୍ଯ୍ୟ ସମୟରେ ଏହି ପ୍ରକଳ୍ପ ୪,୮୦୦ ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପ୍ରାୟ ୫,୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଭେଣ୍ଡର ପାର୍କ ଏବଂ ସହାୟକ ଶିଳ୍ପ ପରିବେଶ ବିକଶିତ ହେବା ସହିତ ପରବର୍ତ୍ତୀ ବର୍ଷଗୁଡ଼ିକରେ ମୋଟ ନିଯୁକ୍ତ (ପ୍ରତ୍ୟକ୍ଷ ଏବଂ ପରୋକ୍ଷ) ୨୦,୦୦୦ ରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଏହି ପ୍ରକଳ୍ପଟି ଟାଇଟାନିୟମ୍ ଏବଂ ସ୍ପେଶାଲିଟି ଇସ୍ପାତ ଭଳି ନୂତନ ଯୁଗର ଶିଳ୍ପସାମଗ୍ରୀ ଉତ୍ପାଦନ ରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜଭୁତ କରିବ । ରାଜ୍ୟ ଭିତରେ ଡାଉନଷ୍ଟ୍ରିମ୍ ମୂଲ୍ୟ ବୃଦ୍ଧି କରିବ ଏବଂ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ଓ ଉନ୍ନତ ସାମଗ୍ରୀର ଆମଦାନୀ ଉପରେ ନିର୍ଭରତା ହ୍ରାସ କରିବ ବୋଲି ଆଶା କରାଯାଉଛି ।

ଭୁବନେଶ୍ୱ-ଦୁବାଇ ଏବଂ ସିଙ୍ଗାପୁରୁକୁ ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇବେ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି । ଏହି ନିଷ୍ପତ୍ତି ଅନୁସାରେ ଆଗାମୀ ୬ ମାସ (୨୭ ଅକ୍ଟୋବର ୨୦୨୫ରୁ ୨୯ ମାର୍ଚ୍ଚ ୨୦୨୬) ପର୍ଯ୍ୟନ୍ତ ଭିଜିଏଫ୍ ସହାୟତା ପ୍ରଦାନ କରାଯିବ । ଭୁବନେଶ୍ୱର ଦୁବାଇ ଯାତ୍ରୀ ସଂଖ୍ୟା ହ୍ରାସ ଓ ବିମାନ ସେବା ବନ୍ଦ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ହୋଇଛି । ସେହିପରି ଭୁବନେଶ୍ୱର-ସିଙ୍ଗାପୁର କମ୍ ଯାତ୍ରୀ ଓ ଅଧିକ ପରିଚାଳନା ଖର୍ଚ୍ଚ ହେତୁ ଏହି ରୁଟ୍‌କୁ ୬ ମାସ ପାଇଁ ନୂତନ ମୂଲ୍ୟ ସୂଚକାଙ୍କ ଅନୁଯାୟୀ ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି । ଦୁବାଇ ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ହୋଇଥିବା ବେଳେ ସିଙ୍ଗାପୁର ବାଣିଜ୍ୟ ଓ ନିବେଶରେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ସହଭାଗୀ । ଏହି ରୁଟ୍‌ଗୁଡିକ ଓଡ଼ିଶାକୁ ଆଞ୍ଚଳିକ ବିମାନ ହବ୍ ଭାବରେ ଗଢିବା ଦିଗରେ ବି-ମାନ୍ ଯୋଜନାକୁ ସୁଦୃଢ କରିବ । ଏହି ଦୁଇଟି ରୁଟ୍ ପାଇଁ ୬ ମାସର ଭିଜିଏଫ୍ ସହାୟତା ନିମନ୍ତେ ପ୍ରାୟ ୨୬.୮୭ କୋଟି ଟଙ୍କା ପ୍ରସ୍ତାବିତ ହୋଇଛି । ଏହା ୧, ୦୬୦ କୋଟି ବି-ମାନ୍ ବଜେଟ୍ (୨୦୨୫ରୁ ୨୦୩୦) ମଧ୍ୟରୁ ବ୍ୟୟ କରାଯିବ । ଆଗାମୀ ଦିନରେ ଏହି ରୁଟ୍ ଗୁଡିକର ପ୍ରଦର୍ଶନ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସ୍ଥିର ହୋଇଥିବା ମୁଖ୍ୟଶାସନ ସଚିବ କହିଛନ୍ତି ।

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ପୁନର୍ଗଠନ ସହ ସେମାନଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନ ପାଇଁ ୧୯.୦୨.୨୦୨୪ରେ ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଅଧୀନରେ ଏକ ନୂତନ ସେବା ବର୍ଗ ଯଥା: "ଓଡିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ" ଗଠନ କରାଯାଇଥିଲା । ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡିଶା ଲୋକ ସେବା ଆୟୋଗଙ୍କ ଦ୍ୱାରା ସ୍ୱୀକୃତ ହୋଇଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କର ଅନୁମୋଦନ ପ୍ରାପ୍ତ ହୋଇଛି ।

ସାଂପ୍ରତିକ ସମୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ଏବଂ ଏହି ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ ବିକାଶ ତଥା ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଏହାର ସଫଳ ରୂପାୟନ କରିବା ନିମନ୍ତେ ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡିଶା ସଂସ୍କୃତି ସେବା ନିୟମ,୨୦୦୬ ଅଧୀନରେ ଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସେବା ବର୍ଗର ପୁନର୍ଗଠନ ସହ ସେମାନଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନର ଆବଶ୍ୟକତା ରହିଛି । ଉକ୍ତ ପ୍ରସ୍ତାବ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ଲାଭ କରିଛି ।

ଡାଇଭର୍ସନ ୱେୟାର ଗୁଡ଼ିକ ନଦୀ/ନାଳାରେ ଜଳର ସ୍ତର ବଢ଼ାଇବା ଏବଂ ନିୟମିତ ଗୁରୁତ୍ୱକେନ୍ଦ୍ରିତ ଜଳସେଚନ ମାଧ୍ୟମରେ ଜଳ ପ୍ରବାହ ନିମନ୍ତେ ନିର୍ମିତ ସଂରଚନା । କ୍ଷୁଦ୍ର ଜଳସେଚନ ସଂସ୍ଥାରେ ଥିବା ପ୍ରାୟତଃ ୧୧୩୩ ଗୋଟି ନଦୀବନ୍ଧ ଏବଂ ୨ ଗୋଟି ବ୍ୟାରେଜ ମଧ୍ୟରୁ ୭୦% ଡାଇଭର୍ସନ ୱେୟାର ଗୁଡିକ ୩୦ ବର୍ଷରୁ ଅଧିକ ବର୍ଷ ପୁରାତନ ହୋଇଥିବା ଯୋଗୁଁ ଏହାର ମରାମତି ଏବଂ ଉନ୍ନତିକରଣ ନିହାତି ଆବଶ୍ୟକ ହୋଇପଡିଛି । ଏଥିନିମନ୍ତେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୩୬୨ କୋଟି ଟଙ୍କା ବ୍ୟୟ କରି ଆଗାମୀ ୩ (ତିନି) ବର୍ଷ ଅବଧି ମଧ୍ୟରେ ଅର୍ଥାତ୍ ୨୦୨୭-୨୮ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ସେହିପରି ଡ୍ରିଲିଂ ଷ୍ଟୋର ସାମଗ୍ରୀ ଗୁଡିକ ବୋରେହୋଲରେ ଅଟକି ଯିବାରୁ ହୋଇଥିବା କ୍ଷତି ବାବଦରେ ୮ ଲକ୍ଷ ୩୮ ହଜାର ୭୮୯ ଟଙ୍କାକୁ ହେମନ୍ତ କୁମାର ନାୟକ (ଅବସରପ୍ରାପ୍ତ ଡିଲର)ଙ୍କ ସପକ୍ଷରେ ଛାଡ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି ।

ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୫ କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ରାଜ୍ୟର ଇଏସଆଇ ହସ୍ପିଟାଲ ଏବଂ ଡିସପେନସାରିରେ ସେବା କରିବା ପାଇଁ ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବାରେ ନିଯୁକ୍ତ ବ୍ୟକ୍ତିମାନଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀର ସଠିକ୍ ନିୟନ୍ତ୍ରଣ ପାଇଁ ଏକ ନୂତନ କ୍ୟାଡର ନିୟମ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୫ ପ୍ରସ୍ତୁତ କରାଯାଇଛି ।

ଅନୁରୂପ ଭାବେ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ନିଯୁକ୍ତି ପ୍ରଣାଳୀ ଓ ସେବା (ସର୍ତ୍ତାବଳୀ) ନିୟମାବଳୀ, ୨୦୨୬ ର ପ୍ରଣୟନ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଏହା ଅନୁଯାୟୀ, ଆୟୋଗରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧ୍ୟକ୍ଷ ଓ ଦୁଇଜଣ ସଦସ୍ୟ ରହିବେ । ଏହି ନିଯୁକ୍ତିକୁ ସୁଗମ କରିବା ପାଇଁ ଅଧ୍ୟକ୍ଷ ଏବଂ ସଦସ୍ୟ ମାନଙ୍କ ନିଯୁକ୍ତ ପଦ୍ଧତି ଏବଂ ସେବା ସର୍ତ୍ତାବଳୀ ନିର୍ଦ୍ଦିଷ୍ଟ କର ପୃଥକ ନିୟମ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଏ ସଂକ୍ରାନ୍ତ ନିୟମାବଳୀକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ୍ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ରୁଲସ୍ , ୨୦୦୭ କୁ ଅଧିକ ଉପଯୋଗୀ କରିବା ପାଇଁ ଏବଂ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ଅଧିକ ସୁଯୋଗ ଦେବା ପାଇଁ, ଏହି ନିୟମଗୁଡ଼ିକୁ ସଂଶୋଧନ କରିବାକୁ ସିଦ୍ଧାନ୍ତ ନିଆଯାଇଛି ।

ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ ର ସଂଶୋଧନ ପାଇଁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି । ପୂର୍ବରୁ, ୧୦ ଗୋଟି ବିଭିନ୍ନ ପଦବୀ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ର ସିଡ୍ୟୁଲ -୧ ରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ବର୍ତ୍ତମାନ, ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ର ନିୟମ-୩ ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ସିଡ୍ୟୁଲ -୧ ରେ ୧୦ଗୋଟି ବିଭିନ୍ନ ନୂତନ ପଦବୀଗୁଡିକୁ ଅନ୍ତର୍ଭୁକ୍ତ କରାଯିବ ।

ଅଫିସର ପଦବୀକୁ, ଦକ୍ଷତା ବିକାଶ ଓ ନୂତନ ନିୟମ ତଥା ଓଡିଶା ସରକାର (ସର୍ତ୍ତାବଳୀ) ନିୟମାବଳୀ- ୨୦୨୪ ଦ୍ୱାରା ଉକ୍ତ ପଦବୀ ପ୍ରତିବଦଳରେ ଗୃହ ନିର୍ମାଣ (ସିଭିଲ/ ଇଲେକ୍ଟ୍ରିକାଲ/ଅଟୋମୋବାଇଲ) ଉକ୍ତ ସଂଶୋଧନ ଦ୍ୱାରା ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିବା ଆସିଷ୍ଟାଣ୍ଟ ଟ୍ରେନିଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଇ.ଟି.ଆଇ ଟ୍ରେନର୍ସ ସର୍ଭିସ ନିଯୁକ୍ତି ପଦ୍ଧତି ଓ ସେବା ପରିଚାଳିତ ହେବା କାରଣରୁ ବାଦ ଦିଆଯିବ । ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ କନିଷ୍ଠ ଯନ୍ତ୍ରୀ ପଦବୀକୁ ସେହି ସ୍ଥାନରେ ଅନ୍ତର୍ଭୁକ୍ତ କରାଯିବ । କର୍ମଚାରୀ ପ୍ରବରଣ ଆୟୋଗ ସମୁଦାୟ ୨୦ ଗୋଟି ପଦବୀ ପରୀକ୍ଷାରେ ପରିଚାଳିତ କରିପାରିବେ ।

ବର୍ତ୍ତମାନ, କ୍ୟାବିନେଟର ଅନୁମୋଦନ ପରିବର୍ତ୍ତେ, ସରକାରଙ୍କ ଅନୁମୋଦନ ପରେ କୌଣସି ସେବା କିମ୍ବା ପଦବୀ ଏବଂ ସେହି ସେବା କିମ୍ବା ପଦବୀର ସିଲାବସକୁ ଯଥାକ୍ରମେ ମିଳିତ ବୈଷୟିକ ନିଯୁକ୍ତି ପରୀକ୍ଷା ନିୟମ, ୨୦୨୨ ର ସିଡ୍ୟୁଲ -୧ ଏବଂ ସିଡ୍ୟୁଲ -୨ ରେ ଅନ୍ତର୍ଭୁକ୍ତ କରାଯାଇପାରିବ କିମ୍ବା ବାଦ ଦିଆଯାଇପାରିବ । ରାଜ୍ୟ କ୍ୟାବିନେଟ୍ ବୈଠକରେ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି । ପରିଷଦର ଲକ୍ଷ୍ୟ ହେଉଛି ସାଧାରଣ ଜନତାଙ୍କ ମଧ୍ୟରେ, ବିଶେଷକରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାକୁ ଲୋକପ୍ରିୟ କରିବା, ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ମଧ୍ୟରେ ଏକ ବୈଜ୍ଞାନିକ ମନୋଭାବ ଏବଂ ସ୍ୱଭାବକୁ ପ୍ରୋତ୍ସାହିତ କରିବା ।

'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ନାମକ ଏହି ଯୋଜନା ୧୪ଟି ଉପ ଯୋଜନା / କାର୍ଯ୍ୟକ୍ରମକୁ ନେଇ ଗଠିତ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ଆର୍ଥିକ ବର୍ଷ ଯାଏଁ, ୨୫୪.୮୫ କୋଟି ଟଙ୍କା ବ୍ୟୟ ଅଟକଳରେ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନା ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ ।

ମର୍ମନ୍ତୁଦ ସଡ଼କ...

କିଛି ବାଟ ପର୍ଯ୍ୟନ୍ତ ବାଇକଗୁଡ଼ିକୁ ଘୋଷାଡ଼ି ନେଇଥିଲା ଟ୍ରକ୍‌ଟି । ଗୋଟିଏ ବାଇକ ଟ୍ରକ୍‌ରେ ତଳେ ଫସି ଯାଇଥିଲା ।

ଟ୍ରକ୍ ଧକ୍କା ଦେବା ପରେ ବାଇକ୍‌ରେ ଥିବା ଲୋକେ ରାସ୍ତାରେ ଏଣେତେଣେ ପଡ଼ିଥିଲେ । ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କୁ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ କଲେଜ ଓ ହସପିଟାଲରେ ମୃତ ଘୋଷଣା କରାଯାଇଥିଲା । ୬ ଜଣ ଗୁରୁତର ଆହତ ହୋଇ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି ।

ଏହି ଦୁର୍ଘଟଣା ପରେ କିଛି ସମୟ ପାଇଁ ହଳଦିଆପଦର ଓଭର ବ୍ରିଜ୍ ଉପରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ମୃତଦେହଗୁଡ଼ିକ ଏଣେତେଣେ ପଡ଼ି ରହିଥିଲା । ମୃତାହତମାନେ ସାଙ୍ଗରେ ନେଇ ଯାଉଥିବା ଜିନିଷପତ୍ର ମଧ୍ୟ ରାସ୍ତା ଉପରେ ପଡ଼ିଥିଲା । ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ । ସେହିପରି ମୃତଦେହଗୁଡ଼ିକୁ ଜବତ କରିଥିଲା ପୁଲିସ ।

ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ୩ଟି ବାଇକ୍‌କୁ ପୁଲିସ ଜବତ କରିଛି । ଟ୍ରକ୍ ଡ୍ରାଇଭରଙ୍କୁ ପୁଲିସ ଗିରଫ କରିଛି । ତାଙ୍କୁ ପଚରାଉଚରା କଲା ପରେ ଜଣାପଡ଼ିବ ଯେ କେମିତି ଏହି ଦୁର୍ଘଟଣା ଘଟିଲା । ଗାଡ଼ି ଚଳାଇଲା ବେଳେ ସେ ନିଶାସକ୍ତ ଅବସ୍ଥାରେ ଥିଲେ ନା ନାହିଁ, ତାହା ଯାଞ୍ଚ କରାଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର କହିଛନ୍ତି ।

ମୃତକଙ୍କ ପରିବାରକୁ ...

ନବୀନଙ୍କ ଦୁଃଖ ପ୍ରକାଶ

ବ୍ରହ୍ମପୁର ହଳଦିଆପଦର ଓଭର ବ୍ରିଜ୍ ନିକଟରେ ବାଇକ୍ ଉପରେ ଟ୍ରକ ମାଡିଯିବା ଫଳରେ ୫ ଜଣ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଏକ୍ସରେ ନବୀନ ଲେଖିଛନ୍ତି ବ୍ରହ୍ମପୁର ହଳଦିଆପଦର ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ପ୍ରାଣହାନୀ ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ । ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି । ଏଥିସହ ଆହତ ବ୍ୟକ୍ତିମାନଙ୍କ ଆଶୁଆରୋଗ୍ୟ କାମନା କରୁଛି ।

ପ୍ରଥମ ମହିଳା ...

ଶପଥ କରାଇଛନ୍ତି । ଏନସିପି ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ଭାବେ ଚୟନ କରାଯାଇଥିଲା । ପରେ ଲୋକଭବନରେ ଶପଥ ଗ୍ରହଣ କରିଛନ୍ତି । ଏହି ଉତ୍ସବରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଅନେକ ନେତା ଉପସ୍ଥିତ ଥିଲେ । ଶପଥ ଗ୍ରହଣ ସମୟରେ ଏନସିପି ନେତାମାନେ "ଅଜିତ ଦାଦା ଅମର ରହେ" ସ୍ଲୋଗାନ ଦେଇ ଅଜିତଙ୍କ ସ୍ମୃତିଚାରଣ କରିଥିଲେ ।

୩ ବରିଷ୍ଠ...

(ଏସିଏସ୍) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ଏହି ଅଧିକାରୀମାନେ ହେଲେ ୧୯୯୬ ବ୍ୟାଚ୍‌ର ଆଇଏଏସ୍ ଶାଶ୍ୱତ ମିଶ୍ର, ବିଶାଲ ଦେବ ଏବଂ ଉଷା ପାଢୀ । ଏମାନଙ୍କ ବ୍ୟତୀତ କେନ୍ଦ୍ରୀୟ ଡେପୁଟେସନରେ ଥିବା ବୀରବିକ୍ରମ ଯାଦବଙ୍କୁ ମଧ୍ୟ ଏସିଏସ୍ ପାହ୍ୟାକୁ ପଦୋନ୍ନତି ମିଳିଛି । ଅନ୍ୟପକ୍ଷରେ ୧୯୯୪ ବ୍ୟାଚ୍‌ର ଭାରତୀୟ ବନ ସେବା ଅଧିକାରୀ (ଆଇଏଫ୍‌ଏସ୍) ଡ. ମୁରୁଗେସାନ୍‌ଙ୍କୁ ପିସିସିଏଫ୍ ଭାବେ ନୂତନ ନିଯୁକ୍ତି ମିଳିଛି ।

ଜାତୀୟ ସୁରକ୍ଷା...

ଅମିତ ଶାହ ଦାବି କରିଛନ୍ତି ଯେ, ଆସନ୍ତା ବିଧାନସଭା ନିର୍ବାଚନରେ ଟିଏମସି ସରକାରର ପରାଜୟ ନିଶ୍ଚିତ । ସେ କହିଛନ୍ତି ଯେ, ପଶ୍ଚିମ ବଙ୍ଗଳାରେ ଭାଜପା ସରକାର ଗଠନ କେବଳ ରାଜ୍ୟ ପାଇଁ ନୁହେଁ, ସମଗ୍ର ଦେଶର ଜାତୀୟ ସୁରକ୍ଷା ପାଇଁ ମଧ୍ୟ ଆବଶ୍ୟକ ।

ଅମିତ ଶାହ କହିଛନ୍ତି ଯେ, ପଶ୍ଚିମ ବଙ୍ଗଳାରେ ଯେଭଳି ଭାବରେ ଅନୁପ୍ରବେଶ ଘଟୁଛି, ତାହା ସମଗ୍ର ଦେଶ ପାଇଁ ଗଭୀର ସୁରକ୍ଷା ସମସ୍ୟାରେ ପରିଣତ ହୋଇଛି । ସେ ଅଭିଯୋଗ କରିଛନ୍ତି ଯେ, କୋର୍ଟର ଆଦେଶ ଥିଲେ ମଧ୍ୟ ଟିଏମସି ସରକାର ସୀମାରେ କାଠବାଡ଼ ଲଗାଇବା ପାଇଁ ବିଏସଏଫ୍‌କୁ ଜମି ଦେଉନାହିଁ, କାରଣ ଅନୁପ୍ରବେଶକାରୀମାନେ ତାଙ୍କର ଭୋଟ ବ୍ୟାଙ୍କ ।

ସେ ଦାବି କରିଛନ୍ତି ଯେ, ରାଜ୍ୟର ପ୍ରଶାସନ ଓ ପୋଲିସ ବେଆଇନ ପ୍ରବାସୀମାନଙ୍କୁ ରୋକିବାରେ ବିଫଳ । ନକଲି ଦଲିଲ ତିଆରି କରି ଏମାନଙ୍କୁ ଦେଶର

ଷଷ୍ଠ ପୃଷ୍ଠା

ଭୁବନେଶ୍ୱର
୧ ଫେବୃୟାରୀ,
ରବିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

ନବୀନ ପଟ୍ଟନାୟକଙ୍କୁ ଭେଟିଲେ ୧୫ ପୌର ପରିଷଦ ଚେୟାରମ୍ୟାନ

ଭୁବନେଶ୍ୱର, ୩୧।୧
ନ୍ୟୁଜ୍‌ବ୍ୟୁରୋ

ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ପୌର ପରିଷଦ ମହାସଂଘ ପକ୍ଷରୁ ୧୫ଟି ପୌର ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା ମାନେ ଶନିବାର ପୂର୍ବାହ୍ନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଶେଷ କରି ରାଜ୍ୟ ସରକାରଙ୍କ ନୂତନ ପ୍ରଶାସନିକ ନିର୍ଦ୍ଦେଶନାମା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ପୌର ଅଧ୍ୟକ୍ଷ ମାନଙ୍କ କ୍ଷମତା ସଂକୁଚିତ କରାଯାଇ ଥିବାରୁ ଲୋକଙ୍କ ଆଶା ଆକାଙ୍କ୍ଷା ପୂରଣ କରିବାରେ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ।

ନିର୍ବାଚିତ ପୌର ପ୍ରତିନିଧିମାନଙ୍କ କ୍ଷମତାକୁ ପ୍ରଶାସନିକ ଆଦେଶ ବଳରେ ରାଜନୈତିକ ସୁବିଧା ପାଇଁ କ୍ଷୁଣ୍ଣ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିଥିଲେ। ସମଗ୍ର ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସହ ରହି ଲୋକଙ୍କ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ।

ମହିଳା ଚଳାଇବେ 'ଆମ ବସ୍'

ଇଲେକ୍ଟ୍ରିକ୍ ବସ୍ ଚାଳନା ତାଲିମ ପାଇଁ ପୁଣେ ଗଲେ ୨୦ ମହିଳା ଡ୍ରାଇଭର

ଭୁବନେଶ୍ୱର, ୩୧।୧:ନ୍ୟୁଜ୍‌ବ୍ୟୁରୋ

ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗୀତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଏବଂ ସବୁଠାରୁ ନିର୍ଭରଯୋଗ୍ୟ ଜନ ପରିବହନ ବ୍ୟବସ୍ଥା - କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର 'ଆମ ବସ୍' ସେବା ପାଇଁ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରିବା ଆରମ୍ଭ କରିଛି। ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଥମ ପର୍ଯ୍ୟାୟରେ, ପୁଣେରେ ଉଚ୍ଚ ମାନର ପ୍ରଶିକ୍ଷଣ ନେବା ପାଇଁ ଭାରୀ ମୋଟର ଯାନ ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଚୟନ କରାଯାଇଛି। ଏହି ପ୍ରଶିକ୍ଷାର୍ଥୀ ମାନେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ପରିଚାଳନାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ଶନିବାର ବିମାନ ଯୋଗେ ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି। ପୁଣେ ଯିବା ପୂର୍ବରୁ ମହିଳା ଡ୍ରାଇଭରମାନଙ୍କୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସମ୍ମାନିତ କରିଥିଲେ ଓ ଶୁଭେଚ୍ଛା ଜଣାଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ଏବଂ ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

୨ ଫେବୃୟାରୀରୁ ୧୫ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ୧୪ ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏକ୍ସା ମୋବିଲିଟି' ପ୍ଲାଣ୍ଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ୍ ବସ୍ ପରିଚାଳନା, ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରୋଟୋକଲ୍ ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଧ୍ୟାନ ଦିଆଯିବ। ପ୍ରଶିକ୍ଷାର୍ଥୀମାନେ ୧୭ ଫେବୃୟାରୀ ୨୦୨୬ରେ ଫେରିବାର କାର୍ଯ୍ୟକ୍ରମ ରହିଛି।

ସଚ୍ଚୋଟତା ଏବଂ ଦାୟିତ୍ୱବୋଧକୁ ଜୀବନରେ ଆପଣେଇବା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୩୧।୧
ନ୍ୟୁଜ୍‌ବ୍ୟୁରୋ

ଜୀବନରେ ପ୍ରକୃତ ସଫଳତା ପଦବୀ, କ୍ଷମତା କିମ୍ବା ସମ୍ପତ୍ତିରେ ନୁହେଁ, ବରଂ ସାଧୁତା, କରୁଣା, ନମ୍ରତା ଏବଂ ସେବାରେ ନିହିତ ଓ ଜଣେ ଭଲ ମଣିଷ ହେବା ସର୍ବୋଚ୍ଚ ସଫଳତା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶନିବାର ଦିନ କଟକ ଟାଙ୍ଗୀଠାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ସ୍ନାତକମାନେ ଚରିତ୍ର ଏବଂ ଶୈକ୍ଷିକ ଉତ୍କର୍ଷତାକୁ ସମାନ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ, ମୂଲ୍ୟବୋଧ ବିନା ଜ୍ଞାନ ଅସମ୍ପୂର୍ଣ୍ଣ। ସଚ୍ଚୋଟତା, ସହାନୁଭୂତି ଏବଂ ଦାୟିତ୍ୱବୋଧକୁ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ଆପଣେଇବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ। ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ଏହି ସମାବର୍ତ୍ତନ ଉତ୍ସବକୁ ସଫଳତା, ପ୍ରତିଫଳନ ଏବଂ ନୂତନ ଆରମ୍ଭର ଏକ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଏହି ସମାରୋହ ମାର୍ଗଦର୍ଶିତ ଶିକ୍ଷାରୁ ସ୍ୱାଧୀନ ଦାୟିତ୍ୱ ଏବଂ ଛାତ୍ର ଜୀବନରୁ ବୃତ୍ତିଗତ ଏବଂ ନାଗରିକ ଜୀବନକୁ ପରିବର୍ତ୍ତନର ସୂଚନା ଦିଏ। ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତର ପୂର୍ବତନ ବୈଦେଶିକ ସଚିବ ଡକ୍ଟର ଲଳିତ ମାନସିଂହଙ୍କ ଉପସ୍ଥିତି ପାଇଁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିଥିଲେ ଏବଂ ଭାରତର ବୈଦେଶିକ ନୀତି ଓ ବିଶ୍ୱ ସ୍ଥିତିରେ ତାଙ୍କର ମହତ ଅବଦାନକୁ ପ୍ରଶଂସା କରିଥିଲେ। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ତୁଳସୀ ମୁଣ୍ଡା ଏବଂ ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ରାଜ୍ୟପାଳ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନେ ସେବା, ଶିକ୍ଷା, ସାମାଜିକ ସଂସ୍କାର ଏବଂ ଆଦିବାସୀ ସଂସ୍କୃତି ଓ ପରିଚୟ ସଂରକ୍ଷଣର ପ୍ରେରଣାଦାୟକ ପ୍ରତୀକ ବୋଲି କହିଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ଜାତୀୟ ଶିକ୍ଷା ନୀତି ୨୦୨୦କୁ ବହୁମୁଖୀ ଶିକ୍ଷା, ଦକ୍ଷତା ବିକାଶ, ନୈତିକତା ଏବଂ ସାମଗ୍ରିକ ଅଭିବୃଦ୍ଧିରେ ଏକବିଂଶ ଶତାବ୍ଦୀର ଚ୍ୟାଲେଞ୍ଜ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ପାଇଁ ଏକ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ।

ଭାରତର ପୂର୍ବତନ ବୈଦେଶିକ ସଚିବ ଡକ୍ଟର ଲଳିତ ମାନସିଂହ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରକାଶ କୁମାର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଆର୍ଟ ଅଫ୍ ଗିଭିଂର ପ୍ରୟାସ

କିଟ୍‌ରେ ଦିନକେ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, ୩୧।୧
ନ୍ୟୁଜ୍‌ବ୍ୟୁରୋ

କିଟ୍ ପକ୍ଷରୁ ଶନିବାର ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଗିଭିଂର ଅନ୍ୟତମ ପ୍ରୟାସ ଭାବେ ଏହି ରକ୍ତଦାନ ପ୍ରତିବର୍ଷ ଆୟୋଜନ କରାଯାଇଥାଏ। ସକାଳ ୭ଟାରୁ ହଜାର ହଜାର କିଟ୍, କିସ୍ ଓ କିମ୍‌ସର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ପହଞ୍ଚିଥିଲେ। ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ଡ. ସାମନ୍ତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଥିଲେ।

ଏହି ରକ୍ତଦାନ ଶିବିରରେ କିମ୍‌ସ ସମେତ ଏସ୍‌ସିବି ମେଡ଼ିକାଲ୍ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାର, କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାର, ଭୁବନେଶ୍ୱର ବିଏମ୍‌ସି ହସ୍‌ପିଟାଲ୍, କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, ଅନୁଗୋଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ସମେତ କିମ୍‌ସ ରକ୍ତଭଣ୍ଡାରର କର୍ମଚାରୀ ଓ ଡାକ୍ତର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, ପ୍ରଫେସର କେ.ଡି ରାଜୁ, କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର.ସି ଦାସ, କିମ୍‌ସ ମେଡିକାଲ ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍‌ସ ଗ୍ରୁପ୍ ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍‌ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଏଥିରେ କିଟ୍ ଅନୁଷ୍ଠାନ ସମୂହ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରକ୍ତଦାନ ହୋଇପାରିଛି। ସ୍ୱେଚ୍ଛାକୃତ ରକ୍ତଦାନକାରୀ ମାନେ ଯେପରି ଶୃଙ୍ଖଳାର ସହ ରକ୍ତଦାନ କରିପାରିବେ ସେଥିପାଇଁ କିମ୍‌ସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ଓଡ଼ିଆ ଭାଷାରେ ଏକାଦଶ ଶ୍ରେଣୀ ବିଜ୍ଞାନ ସନ୍ଦର୍ଭ ପୁସ୍ତକ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧
ନ୍ୟୁଜ୍‌ବ୍ୟୁରୋ

ଶନିବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକଗୁଡିକ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକଗୁଡିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ଶନିବାର ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ରୁ ୨୦ଟି ବହି ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ। ଏହି ପୁସ୍ତକ ଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ। ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି।

ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ୍ୟ ଓଡ଼ିଆ ଭାଷାରେ ବିଜ୍ଞାନ ପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି। ଏହାଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଟେନର-ଅଟୋ ଧକ୍କା : ୫ ଜଣଙ୍କ ମୃତ୍ୟୁ

ଆଗ୍ରା, ୩୧।୧

ଶନିବାର ଦିନ ଉତ୍ତର ପ୍ରଦେଶର ଆଗ୍ରାରେ ଏକ କଣ୍ଟେନର ଦୁଇଟି ଅଟୋ ରିକ୍ସା ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ତିନିଜଣ ଆହତ ହୋଇଛନ୍ତି। ପୋଲିସ ଅଧିକ୍ଷକ ଦେବେଶ ସିଂହ କହିଛନ୍ତି ଯେ, ଖଣ୍ଡୌଲି ଥାନା ଅଞ୍ଚଳରେ ଥିବା ଖଣ୍ଡୌଲି-ଜଲେସର ରାସ୍ତାରେ ଦୁଇଟି ଅଟୋ ଗୋଟିଏ ଦିଗରେ ଯାଉଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ କଣ୍ଟେନରଟି ଓଭରଟେକ୍ କରିବାକୁ ଚେଷ୍ଟା କରି ପ୍ରଥମେ ଏକ ଅଟୋ-ରିକ୍ସାକୁ ଧକ୍କା ଦେଇଥିଲା। ତା' ପରେ ନିୟନ୍ତ୍ରଣ ହରାଇ, କଣ୍ଟେନରଟି ଅନ୍ୟ ଏକ ଅଟୋ ରିକ୍ସାକୁ ମଧ୍ୟ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଟୋରେ ଯାତ୍ରା କରୁଥିବା ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଆହତ ହୋଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ଲୋକ ଗୋଟିଏ ଗ୍ରାମର, ଯେଉଁମାନେ ଓଡ଼ିଶାର ପୁରୀରେ ଥିବା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଗ୍ରାମକୁ ଫେରୁଥିଲେ। ଆହତମାନଙ୍କୁ ଏସଏନ ମେଡ଼ିକାଲ କଲେଜରେ ଏବଂ ବିଜୟ ଓ ଉଦୟ ଅମ୍ବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କଣ୍ଟେନରକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରକୁ ହେପାଜତକୁ ନିଆଯାଇଛି। ଆହତ ମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

ହାତୀ ମୃତଦେହକୁ ଅନ୍ୟତ୍ର ପୋତିବା ଘଟଣାରେ ଏସିଏଫ୍ ନିଲମ୍ବିତ

ଭୁବନେଶ୍ୱର, ୩୧।୧:ନ୍ୟୁଜ୍‌ବ୍ୟୁରୋ

ବାଲିଗୁଡ଼ାରୁ ମୃତ ହାତୀକୁ ଖଣ୍ଡ ଖଣ୍ଡ କରି କେସିଙ୍ଗା ନିକଟରେ ପୋତିବା ଘଟଣାରେ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରାଯାଇଛି। ଏହାସହ ଏସିଏଫ୍ ସୂର୍ଯ୍ୟକାନ୍ତଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ନ ସରିବା ପର୍ଯ୍ୟନ୍ତ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ସୂର୍ଯ୍ୟକାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଅପେକ୍ଷାରେ...
"କଥାକଳିକା"
ଫେବୃୟାରୀ ସଂଖ୍ୟା-୨୦୨୬



ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ଗଙ୍ଗାଧର ବିଶ୍ୱାଳ
ସମକାଳର କଥା : ଚନ୍ଦ୍ରକଳା ନାୟକ, ସୋମା ଚାନ୍ଦ, ସୁନୀତା କର, ବିନୋଦ, ଜ୍ଞାନରଞ୍ଜନ ମହାନ୍ତି, ଉମାକାନ୍ତ ରାଉତ, ପଦ୍ମାଳୟା ପାଢ଼ୀ, ରାଜଲକ୍ଷ୍ମୀ ତ୍ରିପାଠୀ।
ଅନ୍ୟ ଭାଷାର କଥା : ଲିଙ୍ଗରାଜ ମହାନ୍ତି, ଅଶୋକ କୁମାର ସା'
ଯୁବ ମାନସର କଥା : ଲିପ୍‌ସା ପଟେଲ, ହିମାଂଶୁ ଭୂଷଣ ସାହୁ, ପ୍ରକାଶ ସାହୁ, ସୁଚରିତା ବେହେରା, ମୀନାକ୍ଷୀ ପଣ୍ଡା, ରଞ୍ଜନ ସାହୁ।
(ଗାହିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫